

ଈର୍ଷା ରୂପକ ଦାନବ କେବଳ ବିଷରେ ହିଁ ତିଆରି।

- ସେନେକା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରୁମାନି ଡିଜାଇନ ଷ୍ଟୁଡିଓ ଉଦ୍‌ଘାଟନୀ ଉତ୍ସବ, ବଜାର କୋଲକତା ନିକଟ, ପଟିଆ, ଅପରାହ୍ନ ୪ଟା ୩୦।
- ଫିଲ୍ମ ଜର୍ନାଲିଷ୍ଟସ୍ ଫୋରମ୍ ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ' ପ୍ରଦର୍ଶନ, ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।

**କଟକ**

- ନୃତ୍ୟ ମୟୂରୀ ପକ୍ଷରୁ ଦ୍ୱିତୀୟ ମା' କଟକ ଚଣ୍ଡି ଉତ୍ସବ, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।
- ଗୁଞ୍ଜନ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ, ଗୁଞ୍ଜନ ନୃତ୍ୟ ଏକାଡେମୀ ପରିସର, ମହତାବ ରୋଡ୍, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ବିଶ୍ୱ ନୃତ୍ୟ ଦିବସରେ ଅବସରରେ ଶୋଭାଯାତ୍ରା, ସିଂହଦ୍ୱାର ସକାଳ ୭ଟା।
- ଜଳଛତ୍ର, ବ୍ରାହ୍ମଣ ବୋଡିଂ ଛକ, ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା।
- ଶୀତଳ ବାର୍ଣ୍ଣ ସେବା ଶିବିର, ପୌର ସଦନ ଛକ, ସକାଳ୧୦ଟା।
- ବିଶ୍ୱ ନୃତ୍ୟ ଦିବସ ଉତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଭାଗବତ ପରାୟଣ ଓ ପ୍ରବଚନ, ଗଡ-ନହରକଣ୍ଟା, ରାତି ୭ଟା।
- ପୁରୁଣା କାଚରମାଳ ଶ୍ରୀ ଚନ୍ଦନ ରାମଲୀଳା ସମିତି ପକ୍ଷରୁ ରାମ ନାଟକ, ଶ୍ରୀଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣ, ରାତି ୧୧ଟା।
- ରାମଲୀଳା ନାଟକ 'କୁମ୍ଭକର୍ଣ୍ଣ ବଧ' ପରିବେଷଣ, ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୨ଟା।
- ରାମଲୀଳା ନାଟକ 'କୁମ୍ଭକର୍ଣ୍ଣ ବଧ' ପରିବେଷଣ, ଗୋତଲବିନ୍ଧା ସୀତା ରାମେଶ୍ୱର ମନ୍ଦିର, ରାତି ୧୨ଟା।

**ବାଲକାଟୀ**

- ଶ୍ରୀ ଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ବାର୍ଷିକ ବିଷ୍ଣୁ ମହାଯଜ୍ଞର ଜଳାଧିବାସ, ସୁଦର୍ଶନ ଦାରୁପୀଠ, ହିରାପୁର, ଗଡ଼କଣ୍ଟୁଣିଆ, ପୂର୍ବାହ୍ନ ୧୦ଟା ୩୦।

## କଟକରେ ଦି ପୋଏଟ୍ସ କନ୍‌କ୍ଲେଭ

**କଟକ ଅଫିସ,୨୮।୪:** ଯୁବ ସଙ୍ଗଠନ ପୋଏଟିକ୍ ଇମାଜିକା ଓ ଏନ୍‌ଏସ୍‌ଜି କ୍ରିଉର ମିଳିତ ଆନୁକୂଲ୍ୟରେ ରବିବାର ବକ୍ସିବଜାରସ୍ଥିତ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଦି ପୋଏଟ୍ସ କନ୍‌କ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଭାରତର ଯୁବ ଲେଖକ ଋଷଭ କୋହଲି ଓ ରାହୁଲ କୌଶିକ। ସେମାନେ ୟୁଟ୍ୟୁବ୍‌ରେ ଏବେ ଟ୍ରେଣ୍ଡିଂ ଷ୍ଟାର ଭାବେ ବେଶ୍ ପରିଚିତ। କେବଳ ଶବ୍ଦ ନୁହେଁ, ଆବେଗକୁ ପରିପ୍ରକାଶ କରିବାର ମାଧ୍ୟମ ହେଉଛି କବିତା। ଯୁବପିଢ଼ି ଏବେ ସାହିତ୍ୟ ପ୍ରତି ରୁଚି ରଖିବା ଦେଖି ଖୁସି ଅନୁଭବ ହେଉଛି ବୋଲି ଅତିଥିମାନେ କହିଥିଲେ। ଏଥିରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ମଧ୍ୟ ଯୁବ ଲେଖକମାନେ ଯୋଗଦେଇଥିଲେ। ଏହି ଅବସରରେ ହିନ୍ଦୀ ପୁସ୍ତକ ଗୁଞ୍ଜ ଏବଂ ଓଡ଼ିଆ ପୁସ୍ତକ ମାମିନୀ ଉନ୍ମୋଚିତ ହୋଇଥିଲା। ହିଂସା ଶୀର୍ଷକରେ ସେଖ୍ ତେହଜିବଙ୍କ କବିତାକୁ ଉପସ୍ଥିତ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏହାଛଡ଼ା ବିକାଶ ସରଫଙ୍କ ବଳାତ୍କାର, ରୋହିତ ବର୍ମାଙ୍କ ରାଜନୀତି, ଅର୍ଘେନ୍ଦୁ ମହାନ୍ତିଙ୍କ ରୋମାନ୍ସ, ବିଶ୍ୱଜିତ ଦାସଙ୍କ ବିୟୁଟି ଅଫ୍ ରେନ୍, ସୁଶ୍ରୀ ଗାୟତ୍ରୀଙ୍କ ଇଣ୍ଡିଆନ ଆର୍ମି ଶୀର୍ଷକ କବିତା ପ୍ରଶଂସନୀୟ ହୋଇଥିଲା। କୋଲକାତାର ନୋନ୍ ଷ୍ଟ୍ରେଞ୍ଜରଙ୍କ ଦ୍ୱାରା ଆବୃତ୍ତ କବିତା ମଧ୍ୟ କରତାଳି ସାଉଁଟିଥିଲା। ଶେଷରେ ଷ୍ଟାଣ୍ଡଅପ୍ କମେଡିଆନ ବିଭାସ ରଥ ଓ ପ୍ରିୟରଞ୍ଜନ ସାହୁଙ୍କ ଦ୍ୱାରା କମେଡି ଶୋ କରାଯାଇ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ଅଗ୍ନିଭେଶ ମହାପାତ୍ର, ଡ. ପ୍ରତ୍ୟୁଷ ମିଶ୍ର, ସୂରଜ ଛାଟୋଇ ଏଥିରେ ଉପସ୍ଥିତ ଥିଲେ। ଶ୍ରୀତମ ସ୍ୱାଇଁ ଓ ଏମ୍. ଖାନ୍ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଥିଲେ।

## ଆଜି ବିଶ୍ୱ ନୃତ୍ୟଦିବସ

# ନୃତ୍ୟର ବିବର୍ତ୍ତନ

ସସ୍ମିତା ପାଇକରାୟ
ଭୁବନେଶ୍ୱର,୨୮।୪

'ନୃତ୍ୟ' ଓ 'ନାଟକ' ଭାରତୀୟ ସଂସ୍କୃତିର ଦୁଇ ଅବିଚ୍ଛେଦ୍ୟ ଅଙ୍ଗ। ସମୟ ଯେତେ ବଦଳିଲେ ବି ମଣିଷ ଯେତେ ଆଧୁନିକ ହେଲେ ମଧ୍ୟ ମନୋରଞ୍ଜନର ଏହି ଦୁଇ ପ୍ରମୁଖ ମାଧ୍ୟମ ଆଜି ସୁଦ୍ଧା ନିଜର ସ୍ଥିତି ମଜଭୁତ ରଖିଛି। ସମୟ ସହ ତାଳଦେଇ ନୃତ୍ୟର ବିବର୍ତ୍ତନ ଘଟିଛି। ଲୋକପ୍ରିୟତା ପୂର୍ବାପେକ୍ଷା ବଢ଼ିଛି ପଛେ କମିନି। ସିନେମାରୁ ଆରମ୍ଭ କରି ଉତ୍ସବ, ମହୋତ୍ସବ ପର୍ଯ୍ୟନ୍ତ ନୃତ୍ୟ ବିନା ସବୁକିଛି ଅଧା ଅଧୁରା। ଅବଶ୍ୟ ପୂର୍ବରୁ ମନୋରଞ୍ଜନର ପ୍ରମୁଖ ମାଧ୍ୟମ ହୋଇ ରହିଆସିଥିବା ଯାତ୍ରା, ସୁଆଙ୍ଗ, ରାମଲୀଳା ଓ ବିଭିନ୍ନ ଅଞ୍ଚଳର ପାରମ୍ପରିକ ନୃତ୍ୟ ଏବେ ନିଜର ଲୋକପ୍ରିୟତା ହରାଇଛି। ହେଲେ ଏହାର ସ୍ଥାନ ନେଇଛି ହିପ୍‌ହପ୍, ପପିଂ ଲକିଂ, ରୋବୋଟିକ୍, ମୁନ୍‌ୱାକ୍ ଭଳି ଅତ୍ୟାଧୁନିକ ଓ ପାଶ୍ଚାତ୍ୟ ନୃତ୍ୟଶୈଳୀ।

### ଗ୍ରାମାଞ୍ଚଳରେ ଅଧିକ କ୍ରେଜ୍

ଗତ କିଛିବର୍ଷ ହେଲା ଓଡ଼ିଶାରେ ପାଶ୍ଚାତ୍ୟ ନୃତ୍ୟର ବହୁଳ ପ୍ରସାର ପରିଲକ୍ଷିତ ହେଉଛି। କେବଳ ରାଜଧାନୀ ଭୁବନେଶ୍ୱର କିମ୍ବା ବଡ଼ ବଡ଼ ସହର ନୁହେଁ, ଓଡ଼ିଶାର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ବି ଆଜିକାଲି ପାଶ୍ଚାତ୍ୟ ନୃତ୍ୟର କ୍ରେଜ୍ ଦେଖିବାକୁ ମିଳୁଛି। ସ୍ୱତନ୍ତ୍ର ଭାବେ କ୍ଲବ ଓ ଗ୍ରୁପ୍ ଗଠନ କରାଯାଇ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି, ଯେଉଁଥିପାଇଁ ରାଜ୍ୟରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ଭଳି ଦଳ ସୃଷ୍ଟି ହେବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ସେମାନେ ସଫଳ ହେଉଛନ୍ତି। ଅନ୍ୟ ନୃତ୍ୟଶୈଳୀ ତୁଳନାରେ ଏଥିରେ ଭଲ କ୍ୟାରିୟର ସୁଯୋଗ ରହୁଛି। କିଏ ପ୍ରଫେସନାଲ ଡ୍ୟାନ୍ସର ଓ କୋରିଓଗ୍ରାଫର ହେଉଛି ତ କିଏ ନିଜର ଡ୍ୟାନ୍ସ ଏକାଡେମୀ ଖୋଲି ଭଲ ଅର୍ଥ ରୋଜଗାର କରୁଛି। ଅଭିଭାବକମାନେ ମଧ୍ୟ ପୂରା ଜୋସ୍‌ରେ ସେମାନଙ୍କ ପିଲାଙ୍କୁ ଏ ଦିଗରେ ସହାୟତା ଯୋଗାଇ ଦେଉଛନ୍ତି।



### 'ଘୋଡ଼ାନାଚ'ରୁ 'ହିପ୍‌ହପ୍'

ଦିନଥିଲା ଘୋଡ଼ାନାଚ, ଗୋଟିପୁଅ, ଛଉନୃତ୍ୟ ଭଳି ପାରମ୍ପରିକ ନୃତ୍ୟ ଲୋକମାନଙ୍କର ଆମୋଦପ୍ରମୋଦ ତଥା ଅବସରକାଳୀନ ବିନୋଦନର ପ୍ରମୁଖ ମାଧ୍ୟମ ରହିଥିଲା। ହେଲେ ଇଣ୍ଟରନେଟ୍ ଓ ଟେଲିଭିଜନ ଭଳି ମନୋରଞ୍ଜନ ମାଧ୍ୟମ ଆସିବା ପରେ ପାରମ୍ପରିକ ଲୋକନୃତ୍ୟ ପରିବର୍ତ୍ତେ ଆଧୁନିକ ନୃତ୍ୟ ବିଶେଷ ଲୋକପ୍ରିୟତା ହାସଲ କଲା। ଜୁମ୍ବା, ହିପ୍‌ହପ୍, ଲିରିକାଲ ହିପ୍‌ହପ୍, ରୋବୋଟିକ୍ ଡ୍ୟାନ୍ସ, ମୁନ୍‌ୱାକ୍, ଫ୍ରି ଷ୍ଟେପ୍, ସାମ୍ବା, ସାଲ୍‌ସା, ବଲିଉଡ୍, ବେଲି ଡ୍ୟାନ୍ସ, ବ୍ରେକ୍ ଡ୍ୟାନ୍ସିଙ୍ଗ, ବୁଗି ଉଗି, କେକ୍ ୱାକ୍, ଟ୍ୟାପ୍, ଜାଜ୍, କଟେମ୍ପୋରାରି, ଫୁଟ୍ ୱାର୍କ, ପାୱାର ମୁଭ୍‌ସ ଭଳି ଶତାଧିକ ଆଧୁନିକ ନୃତ୍ୟଶୈଳୀ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରିଛି। ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ ଏକାଧିକ ଡ୍ୟାନ୍ସିଂ ରିୟଲିଟି ଶୋ' ଏହି ନୃତ୍ୟକୁ ବହୁଳ ଭାବେ ପ୍ରସାରିତ କରିବା ସହ ଏହାକୁ ନେଇ ଭବିଷ୍ୟତ ଗଢ଼ିବାକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରୁଛି।

### ଫ୍ୟୁଜନ୍‌ର ଲୋକପ୍ରିୟତା

ୟୁଟ୍ୟୁବ୍, ଟିକ୍ ଟକ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ଆସିବା ପରେ ପ୍ରତିଭା ଦେଖାଇବାକୁ ଆଉ କାହା ପଛରେ ଗୋଡ଼ାଇବାକୁ ପଡୁନି। ଘରେ ବସି ଜଣେ ଏକ୍ସପେରିମେଣ୍ଟ୍ କରିପାରୁଛି। ଆଉ ଏଥିପାଇଁ ଫ୍ୟୁଜନ୍ ନୃତ୍ୟର ଚାହିଦା ଦିନକୁ ଦିନ ବୃଦ୍ଧିପାଉଛି। ପାରମ୍ପରିକ ସହ ପାଶ୍ଚାତ୍ୟର ଫ୍ୟୁଜନ୍ କରି ନୃତ୍ୟଶିଳ୍ପୀମାନେ ନୂଆ ନୂଆ ନୃତ୍ୟଶୈଳୀ ସୃଷ୍ଟି କରୁଛନ୍ତି। ବିଶେଷକରି ଓଡ଼ିଶୀକୁ ନେଇ ଗତ କିଛିବର୍ଷ ମଧ୍ୟରେ ଅନେକ ଏକ୍ସପେରିମେଣ୍ଟ କରାଯାଇଛି। କେତେବେଳେ 'ଗେମ୍ ଅଫ୍ ଥ୍ରୋନ୍ସ' ମ୍ୟୁଜିକ୍‌ରେ ଓଡ଼ିଶୀ ପରିବେଷଣ ହୋଇଛି ତ କେତେବେଳେ ଏଡ୍ ସିରନ୍‌ଙ୍କ 'ସେପ୍ ଅଫ୍ ୟୁ'ରେ ଓଡ଼ିଶୀ ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନର ଯୁବପିଢ଼ିଙ୍କ ଦ୍ୱାରା ଏହି ଫ୍ୟୁଜନ୍ ଡ୍ୟାନ୍ସଫର୍ମ ବହୁଳ ଭାବେ ଆଦୃତ ହେଉଛି।



### ରିୟଲିଟି ଶୋ'ରେ ଓଡ଼ିଆଙ୍କ ଉପସ୍ଥିତି

ରାଜ୍ୟସ୍ତରୀୟ ହେଉ କି ଜାତୀୟସ୍ତରୀୟ ଟେଲିଭିଜନର ଡ୍ୟାନ୍ସ ରିୟଲିଟି ଶୋ'। ଓଡ଼ିଆଙ୍କ ଉପସ୍ଥିତି ସବୁଠାରେ ଦେଖିବାକୁ ମିଳୁଛି। ୨୦୦୯ରେ ପ୍ରଥମେ ବ୍ରହ୍ମପୁରର କେତେଜଣ ଶ୍ରମିକ ଓ ଦିବ୍ୟାଙ୍ଗଙ୍କୁ ନେଇ ସୃଷ୍ଟି ହୋଇଥିବା ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ'ର ପ୍ରଥମ ସିଜିନ୍ ଜିତିଥିଲେ। ଏହାପରେ ୨୦୧୦ରେ ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟର ଫିନାଲେକୁ ଯାଇଥିବା ବ୍ରହ୍ମପୁରର ହରିହର ଦାସ ନିଜ ଲକିଂ ପପିଂ ଷ୍ଟାଇଲ୍‌ରେ ସମଗ୍ର ଭାରତର ହୃଦୟ ଜିତିଥିଲେ। ବାସ୍ ତା'ପରେ ଜଣକ ପରେ ଜଣେ ଓଡ଼ିଆ ରିୟଲିଟି ଶୋ'ରେ ରାଜ୍ କରିଥିଲେ। ଏମାନଙ୍କ ମଧ୍ୟରେ ୨୦୧୨ରେ 'ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ' ଜିତିଥିବା ରାଉରକେଲାର ରାଜସ୍ମିତା କର, 'ଇଣ୍ଡିଆଜ୍ ଡ୍ୟାନ୍ସିଂ ସୁପରଷ୍ଟାର୍'ର ପଦ୍ମିନୀ ଓ ଦେବାଶିଷ, ଜ୍ୟୋତିରଞ୍ଜନ ସାହୁ ଓ ମନ୍ଦାକିନୀ ଜେନାଙ୍କ ଭଳି ବହୁ ପ୍ରତିଭା ରହିଛନ୍ତି।

# ସମର୍ପଣ ବିନା ନୃତ୍ୟରେ ସିଦ୍ଧି ସମ୍ଭବ ନୁହେଁ



ଧରିତ୍ରୀ ଆଳାପ

**ନୃତ୍ୟରେ ସମର୍ପଣ ରହିବା ଉଚିତ। ଯେମିତି ଭଗବାନଙ୍କ ନିକଟରେ ସମର୍ପଣ ଭାବ ନ ରହିଲେ ଦୈବକୃପା ମିଳେନି ସେହିଭଳି ସମର୍ପଣ ବିନା ନୃତ୍ୟରେ ମଧ୍ୟ ସିଦ୍ଧି ସମ୍ଭବ ନୁହେଁ। ଏହାଛଡ଼ା ନୃତ୍ୟ କଲେ ମଣିଷର ଚରିତ୍ରଗଠନ ହୋଇଥାଏ। ନୃତ୍ୟ ଶୃଙ୍ଖଳିତ ଜୀବନ କଳା ମଧ୍ୟ ଶିଖାଏ। ଏକଥା କହିଛନ୍ତି ପ୍ରସିଦ୍ଧ ଭାରତନାଟ୍ୟମ୍ ଓ ମୋହିନୀଆଟମ୍ ନୃତ୍ୟଶିଳ୍ପୀ ଡ. ରେଖା ରାଜୁ। କଟକରେ ଏକ ଉତ୍ସବରେ ଯୋଗଦେବା ଅବସରରେ ତାଙ୍କ ସହ ଧରିତ୍ରୀର ଆଳାପ।**

**ବର୍ତ୍ତମାନ ସମୟରେ ଶାସ୍ତ୍ରୀୟ ନୃତ୍ୟର ପରିଭାଷା ବଦଳୁଛି କି?**

ଶାସ୍ତ୍ରୀୟ ନୃତ୍ୟର ପରିଭାଷା କେବେ ବଦଳିନି। ଏବେ ବି ଶାସ୍ତ୍ରୀୟ ନୃତ୍ୟର ମୂଳରୂପ ରହିଛି। ହଁ, କିଛି ଶାସ୍ତ୍ରୀୟ ନୃତ୍ୟରେ ଫ୍ୟୁଜନ ପ୍ରବେଶ କଲାଣି। ହେଲେ ଏହା ଉଚିତ ପଦକ୍ଷେପ ନୁହେଁ। ବର୍ତ୍ତମାନର ପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଏହିଭଳି ପଦକ୍ଷେପ ନିଆଯାଉଛି। ଶାସ୍ତ୍ରୀୟ ନୃତ୍ୟ ବହୁ ପୁରାତନ। ଅନେକ ପରିଶ୍ରମ କରି ଗୁରୁମାନେ ଏହାକୁ ଶିକ୍ଷାଲାଭ କରିଛନ୍ତି। ଫ୍ୟୁଜନ କରିବା ଦ୍ୱାରା ଭାରତୀୟ ସଂସ୍କୃତି ପ୍ରତି ମଧ୍ୟ ଅସମ୍ମାନ କରାଯାଉଛି।

**ଭାରତନାଟ୍ୟମ୍ ପରେ ମୋହିନୀଅଟ୍ଟମ ନୃତ୍ୟରେ ଦକ୍ଷତା ହାସଲ କରିଛନ୍ତି। ଏହି ଦୁଇ ଶାସ୍ତ୍ରୀୟ ନୃତ୍ୟ ମଧ୍ୟରେ ଫରକ କ'ଣ?**

ଅଧିକ ଫରକ ନୁହେଁ। ଭାରତନାଟ୍ୟମ୍‌ରେ ହଠାତ୍ ନଜର ବୁଲାଇବାକୁ ପଡ଼େ। ହେଲେ ମୋହିନୀଅଟ୍ଟମରେ ସେଭଳି କିଛି ନୁହେଁ। ଗଛଲତା ପବନରେ ହଲିଲା ଭଳି ଧୀର ଓ ସୁନ୍ଦର ଭାବ ମୋହିନୀଅଟ୍ଟମରେ ଦେଖାଇବାକୁ ପଡ଼େ। ଏଥିରେ ଲାସ୍ୟଭାବ ଭରି ରହିଥାଏ।

**କେରଳ ପାଲାକ୍କଡ ଜିଲାର କଳପାଠିରେ ଜନ୍ମଗ୍ରହଣ କରି ଏବେ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ପାଇଲେଣି। ନୃତ୍ୟରେ ଯାତ୍ରା କିପରି ଆରମ୍ଭ ହୋଇଥିଲା?**

ପାଲାକ୍କଡ଼ ଏପରି ଏକ ଅଞ୍ଚଳ ଯେଉଁଠାରେ ପ୍ରତ୍ୟେକ ଘରେ ଜଣେ କଳାକାରଙ୍କୁ ପାଇବେ। କିଏ ଗୀତ ଗାଉଥିବେ କିମ୍ବା କିଏ ବାଦ୍ୟ ବଜାଉଥିବେ। ଏହାଛଡ଼ା ମୋ ମା' ଜଣେ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ। ଏଣୁ ସାଢ଼େ ତିନିବର୍ଷ ବୟସରୁ ମୋତେ ଶାସ୍ତ୍ରୀୟ ନୃତ୍ୟ ଶିକ୍ଷା ଦିଆଯାଇଥିଲା। ଏବେ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ପାଇବା ପଛରେ ମୋ ପରିବାରର ଭୂମିକା ବହୁତ ରହିଛି।

**ଓଡ଼ିଶା, ଓଡ଼ିଶୀ ସମ୍ପର୍କରେ ମତ କ'ଣ?**

ଏହା ପୂର୍ବରୁ ଓଡ଼ିଶାକୁ ତିନିଥର ଆସିଛି। କଳା ଓ ଐତିହ୍ୟରେ ଭରପୂର ରାଜ୍ୟ ବୋଲି ଓଡ଼ିଶା ପରିଚିତ। ଏହାଛଡ଼ା ଓଡ଼ିଶୀ ବହୁତ ସୁନ୍ଦର ନୃତ୍ୟ। ଗୋଟିଏ ମଞ୍ଚରେ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ସହ ମିଶି ମୋହିନୀଅଟ୍ଟମ ନୃତ୍ୟ ମଧ୍ୟ କରିଛି। ଓଡ଼ିଶୀ ପ୍ରତି ସମ୍ମାନ ଓ ଭଲପାଇବା ରହିଛି।

**ସାକ୍ଷାତ୍: କୁମାରଶ୍ରୀ ସାହୁ, କଟକ**



# ରମାଦେବୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ଛାତ୍ରୀଙ୍କ ଧାରଣା

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ରମାଦେବୀ ବିଶ୍ୱବିଦ୍ୟାଳୟ ହଷ୍ଟେଲ ସହକାରୀ ଅଧୀକ୍ଷକଙ୍କ ବଦଳି ଦାବିରେ ରବିବାର ଅନ୍ତେବାସିନୀମାନେ ଇନ୍ଦିରା ଗାନ୍ଧୀ ଆଦିବାସୀ ଛାତ୍ରୀ ନିବାସ ଆଗରେ ଧାରଣାରେ ବସିଥିଲେ। ହଷ୍ଟେଲ ସହକାରୀ ଅଧୀକ୍ଷକ ବିଶ୍ୱମୋହିନୀ ପତି ଛାତ୍ରୀମାନଙ୍କୁ ବାହାରକୁ ଛାଡୁ ନ ଥିବା ଏବଂ ଅଭିଭାବକଙ୍କୁ ଦୁର୍ବ୍ୟବହାର କରୁଥିବା ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏ ନେଇ ଜଣେ ଛାତ୍ରୀ କହିଥିଲେ, ସହକାରୀ ଅଧୀକ୍ଷକ ଆମ ଅଭିଭାବକଙ୍କ ସହ ଖରାପ ବ୍ୟବହାର କରୁଛନ୍ତି। ଛୋଟ ଛୋଟ କଥାରେ ବାହାର କରିବା ପାଇଁ ଧମକ ମଧ୍ୟ ଦେଉଛନ୍ତି। ଏଭଳି ବ୍ୟବହାରରେ ଆମେ ନିରୁତ୍ସାହିତ ହୋଇଯାଇଛୁ। ତେଣୁ ତାଙ୍କର ବଦଳି ପାଇଁ ଆମେ ଦାବି କରୁଛୁ। ସେପଟେ ଛାତ୍ରୀଙ୍କ ଏଭଳି ଅଭିଯୋଗକୁ ସହକାରୀ ଅଧୀକ୍ଷକ ବିଶ୍ୱମୋହିନୀ ପତି ଖଣ୍ଡନ କରିଛନ୍ତି। ଛାତ୍ରୀମାନେ ଆଣିଥିବା ଅଭିଯୋଗ ମିଛ ଏବଂ ଛାତ୍ରୀଙ୍କ ସୁରକ୍ଷା ପାଇଁ ନିୟମ କଡ଼ାକଡ଼ି ପାଳନ ହେଉଛି ବୋଲି ସେ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୁଚିତ୍ରା



ରୁଦ୍ରପ୍ରତାପ



ସ୍ୱପ୍ନାରାଣୀ



ନୀରଦ



ରମାକାନ୍ତ



ରିତେଶ



ଜ୍ୟୋତିରଞ୍ଜନ



ସୁମିତ୍ରା



ନାମରେ ଭକ୍ତି, ଜୀବରେ ଦୟା, ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ

- ଗୁରୁ ନାନକ



## ସଂକ୍ଷେପରେ

### ଘର ନ ଛାଡିବାରୁ ଭଡାଟିଆଙ୍କୁ ମାଡ, ମାଲିକ ଗିରଫ

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ଘର ନ ଛାଡିବାରୁ ଭଡାଟିଆଙ୍କୁ ମାଡ ମାରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଘର ମାଲିକଙ୍କୁ ଗିରଫ କରିଛି। ଗିରଫ ମାଲିକ ଜଣକ ହେଲେ ବରିମୁଣ୍ଡ ଗ୍ରାମର ବିଶ୍ୱଜିତ୍ ପତି। କେସ୍ ନଂ. ୧୫୨/୧୯ରେ ମାମଲା ରୁଜୁ କରି ବିଶ୍ୱଜିତ୍‌ଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିଶ୍ୱଜିତ୍‌ଙ୍କ ଘରକୁ ଅଭିଯୋଗକାରୀ ଚରଣ ପ୍ରଧାନ ନେଇ ରହୁଥିଲେ। ହେଲେ ଭଡା ଦେବାରେ କିଛିଦିନ ବିଳମ୍ବ ହେବାରୁ ବିଶ୍ୱଜିତ୍ ଘର ଖାଲି କରିବାକୁ କହିଥିଲେ। ହେଲେ ବିନା ନୋଟିସ୍‌ରେ ହଠାତ୍ ଘର କିଭଳି ଖାଲି କରିବି ବୋଲି ଚରଣ କହିଥିଲେ। ହଠାତ୍ ରବିବାର ସକାଳୁ ଆସି ବିଶ୍ୱଜିତ୍ ଘରେ ରହୁଥିବା ଚରଣଙ୍କ ଆସବାବପତ୍ର ଫିଙ୍ଗି ଦେଇଥିଲେ। ଏହାକୁ ଚରଣ ବିରୋଧ କରିବାରୁ ତାଙ୍କୁ ବିଶ୍ୱଜିତ୍ ମାଡ ମାରିଥିଲେ। ଏ ନେଇ ଥାନାରେ ଚରଣ ଅଭିଯୋଗ କରିବା ପରେ ପୋଲିସ ବିଶ୍ୱଜିତ୍‌ଙ୍କୁ ଗିରଫ କରିଥିଲା।

### ୨୦ ୟୁନିଟ ରକ୍ତ ସଂଗ୍ରହ

**ବାଲିଅନ୍ତା,୨୮।୪(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତାପରୁଦ୍ରପୁର ପଞ୍ଚାୟତ ଓ କମିଶନରେଟ ପୋଲିସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ସରପଞ୍ଚ ବାମନଚରଣ ଭୋଇ ଓ ଅଧାପକ ସୁଶୀଲ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମୁଖ୍ୟଅତିଥି ଭାବେ ଏସିପି ଲଳିତେନ୍ଦୁ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ନନ୍ଦ ଓ ନିରଞ୍ଜନ ନନ୍ଦ ପରିଚାଳନା କରିଥିଲେ।

### ନାବାଳିକା ଅପହରଣ ଅଭିଯୋଗ

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ଶହୀଦନଗର ଥାନା ଜୟଦେବ ବିହାର ଓଭରବ୍ରିଜ୍ ନିକଟରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ରବିବାର ଅଭିଯୋଗ ହୋଇଛି। ପରିବାର ଲୋକେ ନାବାଳିକାଙ୍କୁ ଖୋଜି ନ ପାଇବା ପରେ ନୟାପଲ୍ଲୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାଟି ଶହୀଦନଗର ଥାନା ଅଞ୍ଚଳରେ ହୋଇଥିବାରୁ ନୟାପଲ୍ଲୀ ପୋଲିସ ନାବାଳିକାଙ୍କ ପରିବାର ଲୋକଙ୍କୁ ସେଠାରେ ଅଭିଯୋଗ କରିବାକୁ କହିଥିଲେ। ପରିବାର ଲୋକେ ଶହୀଦନଗର ଥାନାରେ ପୋଲିସକୁ ନାବାଳିକାଙ୍କ ଫଟୋ ଦେଇ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କ ପରିବାର ସହ ମୟୂରଭଞ୍ଜରେ ରୁହନ୍ତି। ଭୁବନେଶ୍ୱରରେ ତାଙ୍କ ଜଣେ ସମ୍ପର୍କୀୟ ମାଉସୀ ରହୁଛନ୍ତି। ତେଣୁ ସେ ମାଉସୀଙ୍କ ଘରକୁ ଯିବାକୁ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ରାଜି ହୋଇ ନାବାଳିକାଙ୍କୁ ଯିବାକୁ କହିଥିଲେ। ଶନିବାର ସକାଳେ ନାବାଳିକା 'ରାଜା ବାବୁ' ନାମକ ଏକ ବସ୍‌ରେ ବସି ଭୁବନେଶ୍ୱର ଆସିଥିଲେ। ହେଲେ ନାବାଳିକା ମାଉସୀ ଘରକୁ ଯାଇ ନ ଥିଲେ। ରାତି ହୋଇଯିବାରୁ ପରିବାର ଲୋକେ ମାଉସୀଙ୍କ ଘରକୁ ଫୋନ୍ କରି ନାବାଳିକା ପହଞ୍ଚିଛନ୍ତି କି ନାହିଁ ପଚାରି ବୁଝିଥିଲେ। ହେଲେ ନାବାଳିକା ଘରକୁ ଯାଇ ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କିଛି ଖବର ମିଳି ନ ଥିଲା। ଶେଷରେ ରବିବାର ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବସ୍ କଣ୍ଡକ୍ଟରଙ୍କୁ ପଚାରିବାରୁ ନାବାଳିକାଙ୍କୁ ସେ ଜୟଦେବବିହାର ଓଭରବ୍ରିଜ୍ ଆରମ୍ଭ ଛକରେ ଓହ୍ଲାଇ ଦେଇଥିବା କହିଥିଲେ। ନାବାଳିକାଙ୍କୁ କେହି ଅପହରଣ କରି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଖୋର୍ଦ୍ଧା ସହରରେ ବଢୁଛି ଜଳସଙ୍କଟ

**ଖୋର୍ଦ୍ଧା ଅଫିସ,୨୮।୪**

ଖୋର୍ଦ୍ଧା ସହର ଓ ଜିଲାର ବିଭିନ୍ନ ବ୍ଲକରେ ଲାଗି ରହୁଥିବା ଜଳସଙ୍କଟ ସମସ୍ୟାର ସାମାଧାନ କରାଯାଉ ନ ଥିବାରୁ ପ୍ରତିବର୍ଷ ଉତ୍କଟ ରୂପ ଧାରଣ କରୁଛି। ସହର ଓ ବ୍ଲକବାସୀଙ୍କୁ ପାନୀୟଜଳ ନିଅଣ୍ଟ ହେଉଛି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ପାନୀୟଜଳ ଲାଗି ଲୋକେ ତହଲବିକଳ ହେଉଛନ୍ତି। ଅଭିଯୋଗର ୨୪ ଘଣ୍ଟା ଭିତରେ ଭଙ୍ଗାରୁଜା ଷ୍ଟାଣ୍ଡପୋଷ୍ଟ ଓ ଅଚଳ ନଳକୂପର ମରାମତି କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଥିବାବେଳେ ପ୍ରକୃତି ସ୍ଥିତି କିନ୍ତୁ ଅଲଗା। ଅଭିଯୋଗ କରି ଥକି ଗଲେ ମଧ୍ୟ ମରାମତି କରାଯାଉନାହିଁ। ସାରା ରାଜ୍ୟରେ ତାତି ବଢିବାରେ ଲାଗିଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପରିସ୍ଥିତି ଗମ୍ଭୀର ହେଉଛି। ଗୋଟିଏ ପଟେ ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ସାଙ୍ଗକୁ ଅନ୍ୟପଟେ ଭୂତଳ ଜଳ ହ୍ରାସ ଚିନ୍ତା ବଢାଇଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଉପରେ ଲଗାମ ନ ଥିବାରୁ ସହରବାସୀ ପାଣି ଟୋପାଏ ପାଇଁ ହଇରାଣ ହେଉଛନ୍ତି। କୂଅ, ଗାଡିଆ ଓ ପୋଖରୀ ଶୁଖିଗଲାଣି। ନଳକୂପରୁ ପାଣି ଠିକ୍ ଭାବେ ବାହାରୁନି। ଜନସ୍ୱାସ୍ଥ୍ୟ ବିଭାଗ ଓ ପାନୀୟଜଳ ପ୍ରକଳ୍ପ ଯୋଗାଉଥିବା ପାଣିର ସିଂହଭାଗ ଚୋରି ହେଉଛି। ଲୋକେ ଜଳକର ଦେଇ ବି ପାଣି ଟୋପାଏ ପାଉନାହାନ୍ତି। ଅଧିକାଂଶ ସ୍ଥାନରେ ନଳକୂପର ଆବଶ୍ୟକତା ଥିଲେ ମଧ୍ୟ ନୂଆ ଖନନ କରାଯାଉନି। ସହର ହେଉ କି ଗାଁ ପାଣି ସମସ୍ୟା ସମାଧାନ ହେଉନି ବରଂ ଉତ୍କଟ ହୋଇ ଚାଲିଛି। ଏଭଳିସ୍ଥଳେ ଖୋର୍ଦ୍ଧା ସହରକୁ ନରାଜ ପାଣି ଯୋଗାଣ ହୋଇଥିଲେ ବି ଲୋକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। କାରଣ ସବୁ ସ୍ଥାନରେ ନରାଜ ପାଣି ପହଞ୍ଚିପାରୁନି। ଖୋର୍ଦ୍ଧା ସହରର ଅଧିକାଂଶ ରାସ୍ତାରେ ପାଣି ଲିକେଜ ହେଉଥିବାବେଳେ ଲୋକେ ପାଣି ମୁନ୍ଦେ ପାଉନାହାନ୍ତି।

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ରହିଛି। ସେଥିମଧ୍ୟରୁ ମୃଦୁ ପାନୀୟ ଓ ମଦ କମ୍ପାନୀ ଆଦି ଶିଳ୍ପର ଜଳ ଚାହିଦା ଯଥେଷ୍ଟ ଅଧିକ ରହିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିଳ୍ପକୁ ପାଣି ଯୋଗାଇବାର ବ୍ୟବସ୍ଥା ନାହିଁ। ସେମାନେ ଇଡ୍‌କୋଠାରୁ ପାଣି ନେଇ ବ୍ୟବହାର କରିବାର ବ୍ୟବସ୍ଥା ରହିଛି। ହେଲେ ଇଡ୍‌କୋ ଆବଶ୍ୟକ ପାଣି ଯୋଗାଇବା ସତ୍ତ୍ୱେ ବି ସେମାନଙ୍କୁ ପାଉନି। ଏଭଳିସ୍ଥିତିରେ ଅଧିକାଂଶ ସଂସ୍ଥା ନିଜ ଶିଳ୍ପ ଅଞ୍ଚଳ ପରିସରରେ ବେଆଇନ ଭାବେ ଏକାଧିକ ଡିପ ବୋରୱେଲ ଖୋଲି ଜଳ ମନଇଚ୍ଛା ବ୍ୟବହାର କରୁଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପର ପାଣି ଉପରେ ନିର୍ଭର ନ କରି ପାଣି ସଙ୍କଟରୁ ବର୍ତ୍ତିବା ଲାଗି ଅଧିକାଂଶ ଲୋକ ଗାଁ ଓ ସହର ଘର ମଧ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଡିପ ବୋରୱେଲ ଖୋଲୁଛନ୍ତି। ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ରହିଥିବା ୪ରୁ ଊର୍ଦ୍ଧ୍ୱ ପାଣି ପାଉଚ ଶିଳ୍ପ ବର୍ଷ ତମାମ ପାଣି ପାଉଚ୍ କରୁଥିବାରୁ ଜଳସ୍ତର କମିବାରେ ଲାଗିଛି।

### ଶୋଷ ମେଣ୍ଟାଇ ପାରିଲାନି ନରାଜ ପାଣି



### ୧୪୭ ନଳକୂପ ଅଚଳ

ଖୋର୍ଦ୍ଧା ଜିଲା ସଦର ବ୍ଲକରେ ୧୭, ବେଗୁନିଆରେ ୧୬, ବୋଲଗଡରେ ୧୩, ଟାଙ୍ଗୀରେ ୧୨, ଚିଲିକାରେ ୧୧, ବାଣପୁରରେ ୧୬, ବାଲିଅନ୍ତାରେ ୧୯, ବାଲିପାଟଣାରେ ୨୨, ଭୁବନେଶ୍ୱରରେ ୯, ଜଟଣୀରେ ୧୨ ଏପରି ଜିଲାରେ ୧୪୭ ନଳକୂପ ଅଚଳ ହୋଇ ପଡିଥିବା ଅଭିଯୋଗ ରହିଛି। ପୁଣି ୧୨୧ ନଳକୂପରୁ ପାଣି ମୁନ୍ଦେ ମୁନ୍ଦେ, ଅପରିଷ୍କାର ଜଳ ଓ ଫ୍ଲୋରାଇଡ ପାଣି ବାହାରୁଛି। ସହରରେ ଥିବା କେତେକ ଷ୍ଟାଣ୍ଡ ପୋଷ୍ଟରେ ପାଣି ଆଦୌ ଆସୁ ନ ଥିବାବେଳେ କିଛି ଷ୍ଟାଣ୍ଡପୋଷ୍ଟରେ ପାଣି ଧିମେଇ ଧିମେଇ ଆସୁଛି। ଗ୍ରାମାଞ୍ଚଳରେ ପାନୀୟଜଳ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟ କରୁ ନାହିଁ।

# ଜଳଛତ୍ର ଉଦ୍‌ଘାଟନ କଲେ ଟ୍ରଲି ଚାଳକ



**କଟକ ରୋଡ,୨୮।୪(ଡି.ଏନ୍.ଏ.)**

ତାତିର ପ୍ରକୋପ ଏଭଳି ବୃଦ୍ଧି ହେଉଛି ଯେ ସାଧାରଣଲୋକଙ୍କ ଜୀବନଯାପନ ଅସ୍ତବ୍ୟସ୍ତ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ରାଜଧାନୀର ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଭଗତ ସିଂ ୟୁଥ୍ ଆସୋସିଏଶନ ପକ୍ଷରୁ ରବିବାର ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଟ୍ରଲି ଚାଳକ ବିନାୟକ ସିଂ ଉଦ୍‌ଘାଟନ କରିଥିଲେ। ସୂଚନାଥାଉକି, କୌଣସି ଉଦ୍‌ଘାଟନ କଥା ପଡ଼ିଲେ ଲୋକେ ସାଧାରଣତଃ ନେତା, ମନ୍ତ୍ରୀଙ୍କୁ ଖୋଜିଥାନ୍ତି। କିନ୍ତୁ ସାଧାରଣଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏକ ନିଆରା ଉଦ୍ୟମ କରିଛନ୍ତି ଏହି ୟୁଥ୍ ଆସୋସିଏଶନର କର୍ମକର୍ତ୍ତା। ଟ୍ରଲି ଚାଳକ ବିନାୟକଙ୍କ ହାତରେ ଏହି ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରି ସ୍ଥାନୀୟ ଅଞ୍ଚଳରେ ଅଞ୍ଚଳରେ ଯେତିକି ଉତ୍ସାହ ଦେଖାଯାଇଥିଲା ତା'ଠାରୁ ବିନାୟକଙ୍କ ମନରେ ଅଧିକ ଆନନ୍ଦ ପରିଲକ୍ଷିତ ହୋଇଥିଲା। ବିନାୟକଙ୍କ ଘର ବିହାର ରାଜ୍ୟରେ ହୋଇଥିବା ବେଳେ ସେ ଲକ୍ଷ୍ମୀସାଗର ଅଞ୍ଚଳରେ ରୁହନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାକେଶ ପାତ୍ର, ଲିଙ୍ଗରାଜ ସାହୁ, ଜ୍ୟୋତିପ୍ରକାଶ ସାହୁ, ଓଡ଼ିଶା ରଗବି ଟିମର କୋଚ ମାନସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଇତିହାସରେ ମଧୁବାବୁଙ୍କ ବ୍ୟକ୍ତିତ୍ୱ ଚିରଉଜ୍ଜ୍ୱଳ ରହିବ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ଓଡ଼ିଆ ଆତ୍ମ ପରିଚିତି, ଅସ୍ମିତା ଓ ସ୍ୱାଭିମାନକୁ ପ୍ରତିଷ୍ଠିତ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମର୍ପିତ ଜୀବନ ପ୍ରତ୍ୟେକ ଓଡ଼ିଆଙ୍କର ପ୍ରେରଣାସ୍ରୋତ ହୋଇ ରହିବ। ଓଡ଼ିଶାର ଗୌରବକୁ ବିଶ୍ୱପ୍ରସିଦ୍ଧି କରିବାରେ ତାଙ୍କର ଜୀବନବ୍ୟାପୀ ସାଧନା ଓ ଅଙ୍ଗୀକୃତ କାର୍ଯ୍ୟକଳାପ ତାଙ୍କୁ ଯଥାର୍ଥରେ କୁଳବୃଦ୍ଧ ଓ ଉତ୍କଳ ଗୌରବ ଭାବରେ ପ୍ରତିଷ୍ଠିତ କରିଛି। ଓଡ଼ିଶା ଇତିହାସରେ ମଧୁବାବୁଙ୍କ ବ୍ୟକ୍ତିତ୍ୱ ଚିରଉଜ୍ଜ୍ୱଳ ରହିବ। ସମକାଳ ଓ ଉତ୍ତରପିଢ଼ିକୁ ମଧୁବାବୁଙ୍କ ଜୀବନଗାଥା ଅନୁପ୍ରେରିତ କରୁଥିବ ବୋଲି ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମତପ୍ରକାଶ ପାଇଛି। ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ସମାରୋହରେ ବିଭାଗର ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି, ଉପନିର୍ଦ୍ଦେଶକ ବିପିନ ବିହାରୀ ବାରିକି ଓ ବରଦା ପ୍ରସନ୍ନ ଦାସ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସକାଳେ ରାଜଭବନ ଛକଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉପସ୍ଥିତ ରହି ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ରାଜଭବନ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

### 'ମଧୁସୂଦନ ଥିଲେ ବିଚକ୍ଷଣ ବ୍ୟକ୍ତିତ୍ୱ ସମ୍ପନ୍ନ ମହାପୁରୁଷ'

**ଭୁବନେଶ୍ୱର,୨୮।୪(ବ୍ୟୁରୋ):** ଉତ୍କଳ ଗୌରବ ମଧୁସୂଦନ ଦାସ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ, ଦୂର ଦୃଷ୍ଟିଥିବା ଦୃଢ ଓ ବିଚକ୍ଷଣ ବ୍ୟକ୍ତିତ୍ୱ ସମ୍ପନ୍ନ ମହାପୁରୁଷ। ଯିଏ କି ବିଖଣ୍ଡିତ ଓଡିଆ ଭାଷୀ ଅଞ୍ଚଳକୁ ଏକତ୍ରିତ କରି ଏକ ସମୃଦ୍ଧ, ଅଖଣ୍ଡ ଉତ୍କଳ ଗଢିବାର ସ୍ୱପ୍ନ ଦେଖିଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ଉତ୍କଳ ସମ୍ମିଳନୀର ଆମନ୍ତ୍ରଣକ୍ରମେ ମଧୁସୂଦନଙ୍କ ୧୭୧ତମ ଜୟନ୍ତୀରେ ରାଜଭବନ ସମ୍ମୁଖରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ଅବସରରେ ସେ ଏହା କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର, ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା, ପ୍ରାକ୍ତନ ସଭାପତି ଗୁରୁପ୍ରସାଦ ମହାନ୍ତି, ଉଷାରାଣୀ ମହାନ୍ତି, ଭୃଗୁ ବକ୍ସିପାତ୍ର, ତ୍ରିଲୋଚନ ପଣ୍ଡା, ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

■ ନୃତ୍ୟଗୁରୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ସମ୍ମାନ ସମାରୋହ

# ମନମୋହିଲା ଓଡ଼ିଶୀ, କଥକ ନୃତ୍ୟ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ତ୍ରିଧାରା ଫାଉଣ୍ଡେଶନ ଓ ରୁଚିକା ପ୍ରି ସ୍କୁଲ ପକ୍ଷରୁ ନୃତ୍ୟଗୁରୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ରୁଚିକା ସ୍କୁଲ ପରିସରରେ ଆୟୋଜିତ ସମାରୋହରେ ସଙ୍ଗୀତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫୁଲ୍ଲ କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମକୁମ ମହାନ୍ତି ସମ୍ମାନିତ ଅତିଥି ଭାବେ, ଭାରତୀୟ ବିଦ୍ୟାଭବନର ଡିନ୍ ତଥା ଉପସଭାଧ୍ୟକ୍ଷ ଡ. ଏସ୍.କେ. ତମୋଟିଆ, ରୁଚିକା ସ୍କୁଲ ପରିଚାଳକ ଗୁରପ୍ରିତ ସିଂ ଖୁରାନା ଓ ତ୍ରିଧାରା ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୫ ଜଣଙ୍କୁ ନୃତ୍ୟଗୁରୁ ଭୁବନେଶ୍ୱର ମିଶ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ବିହାରସ୍ଥିତ ପାଟନା ଅଞ୍ଚଳର ଗୁରୁ ସୀମାଞ୍ଚଳ ଦାସ, ଗଞ୍ଜାମର ମନ୍ମଥ ଶତପଥୀ, ଭୁବନେଶ୍ୱରର ମିନାକ୍ଷୀ ବେହେରା, ଭୁବନେଶ୍ୱରର ଗୁରୁ ରାମଚନ୍ଦ୍ର ମହାନ୍ତି ଓ ନୂଆଦିଲ୍ଲୀର ହରିସ ଗଙ୍ଗାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜୟପୁର ଘରାନାର ବିଶିଷ୍ଟ କଥକ୍ ଗୁରୁ ବୁନ୍ଦନ ଲାଲ ଗଙ୍ଗାନୀଙ୍କ ପୁଅ ହରିଶଙ୍କ ଏକକ କଥକ ନୃତ୍ୟରେ ଦେବୀ ବନ୍ଦନା ଓ ରାମଭଜନ, ତ୍ରିଧାରା ପକ୍ଷରୁ ଓଡ଼ିଶୀ ଦଳ ନୃତ୍ୟରେ ପଞ୍ଚକ ଗଣେଶଙ୍କ ଜନ୍ମ ବୃତ୍ତାନ୍ତ ଓ ଶବ୍ଦ ନୃତ୍ୟ 'ଗଣନାୟକ', ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ପୌତ୍ରୀ ସୁହାନା ମିଶ୍ରଙ୍କ ଦ୍ୱାରା ଏକକ ଓଡ଼ିଆ ଅଭିନୟ 'କେତେ ଛନ୍ଦ ଜାଣିଲୁ ସହି', କଟକର ଦୟାନିଧି ସ୍ମୃତି ପରିଷଦ ପକ୍ଷରୁ ଶ୍ରୀଗଣେଶଙ୍କ ଅଧ୍ୟୟନ ଓ ଶେଷରେ ଗୁରୁ ଦେବପ୍ରସାଦ ଦାସଙ୍କ ଦଶ ଅବତାର ଓ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମା' ଦୁର୍ଗାଙ୍କୁ ନେଇ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଯାହାକି ଉପସ୍ଥିତ ଦର୍ଶକଙ୍କ ମନ ମୋହି ଥିଲା।

### ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପାଳିଲା ମଧୁଜୟନ୍ତୀ

**ପୁରୁଣା ଭୁବନେଶ୍ୱର,୨୮।୪(ଡି.ଏନ୍.ଏ.)**

ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆଇନଜୀବୀମାନେ ରବିବାର ମଧୁଜୟନ୍ତୀ ପାଳନ କରିଛନ୍ତି। ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କର ଆଦର୍ଶ ଓ ନୀତିକୁ ଓକିଲାତି ପେଶାରେ ଗ୍ରହଣ କରିବାକୁ ଆଇନଜୀବୀମାନେ ସଙ୍କଳ୍ପ ନେଇଥିଲେ। ଅନ୍ୟପକ୍ଷେ ଆଜିର ଦିବସକୁ ଓକିଲ ଦିବସ ରୂପେ ପାଳନ କରାଯାଉଥିବାରୁ ଆଇନଜୀବୀମାନେ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଏହି ଉତ୍ସବରେ ଅତିଥି ଏବଂ ବକ୍ତାମାନେ ନିଜ ନିଜର ବକ୍ତବ୍ୟରେ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସାମ୍ମୁଖ୍ୟ କନଭେନର ସୁରେଶ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ସୁଦର୍ଶନ ପ୍ରଧାନ, ଜୟଦେବ ମିଶ୍ର, ସରୋଜ ମହାପାତ୍ର, ଲକ୍ଷ୍ମୀଧର ପରିଡ଼ା, ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛନ୍ଦ ଜୀବନଯାପନ ଲାଗି ଇଞ୍ଜିନିୟରଙ୍କ ଭୂମିକା ଅନନ୍ୟ

**ଭୁବନେଶ୍ୱର,୨୮।୪(ବ୍ୟୁରୋ)**

ସ୍ୱଚ୍ଛନ୍ଦ ଜୀବନଯାପନ ଦିଗରେ ଇଞ୍ଜିନିୟରଙ୍କ ଭୂମିକା ଅନନ୍ୟ। 'ଦି ଓଡ଼ିଶା ଇଞ୍ଜିନିୟରର୍ସ ଫୋରମ' ଏବଂ 'କଲେଜ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକନୋଲୋଜି'ର ମିଳିତ ଆନୁକୂଲ୍ୟରେ 'ନିରନ୍ତର ସ୍ୱଚ୍ଛନ୍ଦ ଜୀବନଯାପନ ଲାଗି ଇଞ୍ଜିନିୟରଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଏହା କହିଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ସିଟ୍ ସମ୍ମିଳନୀ କକ୍ଷରେ ଫୋରମର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱଚ୍ଛନ୍ଦ ଜୀବନଯାପନ ଲାଗି ଇଞ୍ଜିନିୟରିଂର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି କହିଥିଲେ। ଭୁବନେଶ୍ୱରକୁ ସ୍ମାର୍ଟ ସିଟି ଭାବେ ଗଢ଼ି ତୋଳିବାରେ ଇଞ୍ଜିନିୟରମାନଙ୍କ ଯଥେଷ୍ଟ ଅବଦାନ ରହିଛି। ଇଞ୍ଜିନିୟରିଂ ବିଦ୍ୟାର ସଦୁପଯୋଗ ଫଳରେ ଭୁବନେଶ୍ୱର ଭବିଷ୍ୟତରେ ବିଶ୍ୱର ଏକ ଉତ୍ତମ ସ୍ମାର୍ଟ ସିଟିର ମାନ୍ୟତା ଲାଭ କରିପାରିବ ବୋଲି ପାଢ଼ୀ କହିଥିଲେ। ଖଡ଼ଗପୁର ଆଇଆଇଟିର ପ୍ରାକ୍ତନ ଡିନ୍ ପ୍ରଫେସର ପ୍ରତାପ କୁମାର ଜଗଦ୍ଦେବ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଣିଷର ଜୀବନଧାରଣ ପାଇଁ ବିଭିନ୍ନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ଡ. ଭକ୍ତକବି ଦାସଙ୍କ ସଭାପତିତ୍ୱରେ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ପ୍ରଫେସର ଅଶୋକ କୁମାର ତ୍ରିପାଠୀ, ଇଂ. ବିଜୟ ଚନ୍ଦ୍ର ତ୍ରିପାଠୀ, ଇଂ. ଅଶୋକ କୁମାର ଚୌଧୁରୀ, ସ୍ଥପତି ଆଦିଶ ନାର୍ଗୁଣ୍ଡେ ପ୍ରମୁଖ ଏଥିରେ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ସେହିପରି ତୃତୀୟ ଅଧିବେଶନରେ ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ହାଇଦ୍ରାବାଦସ୍ଥିତ ବିଟିବିଟିର ନିର୍ଦ୍ଦେଶକ ଡ. ସୁବାସ ରସ୍ତୋଗୀ, ଇଂ. ଯୁଗଳ କିଶୋର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଞ୍ଜିନିୟରଙ୍କ ବହୁବିଧ ଗୁଣାବଳୀ ଉପରେ ଆଲୋଚନା କରିଥିଲେ। ଫୋରମ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂ. ବିମଳ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଇଂ. ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସିଟ୍‌ର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ଆଇଏମ୍‌ଆଇଟିର ଅଧ୍ୟକ୍ଷ ପ୍ରଫେସର ପ୍ରଭାତ କୁମାର ପାଢୀ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ନିଜର ବିଶେଷ ମତ ରଖିଥିଲେ। ଆଇଆଇଟି ଖଡଗପୁର ବିଦ୍ୟୁତ ବିଭାଗ ପ୍ରଫେସର ଡ. ଅରବିନ୍ଦ ରାଉତରାୟ ଭିତ୍ତି ନିବନ୍ଧ ଉପସ୍ଥାପନ କରିଥିଲେ।






ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ 'ଇଟିକିଲି ମିଟିକିଲି' ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ଠାରେ ଆୟୋଜିତ '୧୫୦ ବର୍ଷରେ ମହାତ୍ମା' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।

■ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

# ଡିଜେ ବଜାଇଥିବା ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

**ଭୁବନେଶ୍ୱର,୨୮।୪ (ବ୍ୟୁରୋ)**

ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଡିଜେ ବଜାଉଥିବା ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏପରି କି ମହିଳାଙ୍କ ସମ୍ପର୍କୀୟମାନେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଯୁବକ ଜଣକ ଆହତ ହୋଇଛନ୍ତି। ଏଭଳି ଘଟଣା କ୍ୟାପିଟାଲ ଥାନା ଗଙ୍ଗନଗର ଛକରେ ଦେଖିବାକୁ ମିଳିଛି। ଆହତ ହୋଇଥିବା ଯୁବକ ଜଣକ ହେଲେ ଗଞ୍ଜାମ ଜିଲାର ନବ ଜେନା (୨୭)। ସେ ୟୁନିଟ୍-୫ରେ ରହି ଡିଜେ ବଜାଇବା କାମ କରୁଥିଲେ। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ନବ ଅଭିଯୋଗ କରିଥିଲେ ହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଜଣାପଡିଛି। ପୋଲିସ ମାମଲାକୁ ଆପୋସ ସମାଧାନ କରିବାକୁ ଚେଷ୍ଟା କରୁଥିବା ନବ କହିଛନ୍ତି।

ରବିବାର ଅପରାହ୍ଣ ୧ଟାରେ ଗଙ୍ଗନଗର ଦେଇ ଏକ ବରଯାତ୍ରୀ ଆସୁଥିଲେ। ନବ ଡିଜେ ବଜାଉଥିଲେ। ଏହି ସମୟରେ ସେଠାରେ ଜଣେ ମହିଳାଙ୍କୁ ନବ ଅସଦାଚରଣ କରିଥିବା ମହିଳା ଜଣକ ପାଟି କରି କହିଥିଲେ। ସେଠାରେ ଥିବା ମହିଳାଙ୍କ ସମ୍ପର୍କୀୟମାନେ ତାଙ୍କୁ ମାଡ ମାରିଥିଲେ। ପରେ ଏକ ଖଣ୍ଡା ଆଣି ନବଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଏକାଧିକ ଲୋକେ ଦେଖୁଥିବା ବେଳେ କେହି ଅଟକାଇବାକୁ ସାହସ ଜୁଟାଇ ପାରି ନ ଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନବ ପଡିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସେଠାରେ ଥିବା ନବଙ୍କ ସହଯୋଗୀମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ଓଡ଼ିଆ ସ୍ୱାଭିମାନ ସମାରୋହ ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ସମ୍ଭାବନା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଓଡ଼ିଆ ସ୍ୱାଭିମାନ ଦିବସର ଉଦ୍‌ଯାପନୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ମଧୁସୂଦନଙ୍କ ଜୟନ୍ତୀ ଉତ୍ସବରେ ସମ୍ଭାବନା ପକ୍ଷରୁ ଓଡ଼ିଆଣୀଙ୍କ ମଧ୍ୟରେ ଓଡ଼ିଆ ସଙ୍ଗୀତ ପ୍ରତିଯୋଗିତା, ସ୍ୱରଚିତ କବିତା ଆବୃତ୍ତି ତଥା ମଧୁ ଗାଥା ଓ ମଧୁଗୀତି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏକାମ୍ର ହାଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଐତିହାସିକ ଡ. ଅମୀୟ ମହାନ୍ତି ଯୋଗ ଦେଇଥିଲେ।



ନାମରେ ଭକ୍ତି, ଜୀବରେ ଦୟା, ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ

- ଗୁରୁ ନାନକ



## ସଂକ୍ଷେପରେ

### ନିଖୋଜ ନାବାଳକ ଉଦ୍ଧାର

**କଟକ ଅଫିସ, ୨୮।୪:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାର ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ସୂର୍ଯ୍ୟପ୍ରକାଶ ନାମକ ଜଣେ ୧୫ ବର୍ଷର ନାବାଳକଙ୍କୁ ରବିବାର ପୋଲିସ ଓଏମ୍‌ପି ଅଞ୍ଚଳରୁ ଉଦ୍ଧାର କରିଛି। ସେ ଘରେ ନ କହି ଓଏମ୍‌ପି ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ସାଙ୍ଗଙ୍କ ଘରକୁ ପଳାଇ ଯାଇଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ସୂର୍ଯ୍ୟ ଘରୁ କେଉଁଆଡେ ପଳାଇ ଯାଇଥିବା ନେଇ ପରିବାର ଲୋକେ ଶନିବାର ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୨୯/୧୯) ରୁଜୁକରି ଖୋଜାଖୋଜି ଆରମ୍ଭ କରିଥିଲା।

### ୪୨ ବୁଥ୍ ଅତି ସମ୍ବେଦନଶୀଳ

**କଣ୍ଟାପଡ଼ା,୨୮।୪(ଡି.ଏନ୍.ଏ.):** ରାଜ୍ୟରେ ସୋମବାର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ। ଗଣତନ୍ତ୍ରର ଏହି ମହାନ ପର୍ବରେ କଣ୍ଟାପଡା ବ୍ଲକର ୮୨ଟି ବୁଥ୍‌ରେ ଭୋଟରମାନେ ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ। ଏହି ବ୍ଲକ ଅଧୀନରେ ଥିବା ଗୋବିନ୍ଦପୁର ଥାନା ଅଞ୍ଚଳର ୬୨ଟି ବୁଥରୁ ୩୭ଟି ବୁଥ୍ ଅତି ସମ୍ବେଦନଶୀଳ ଚିହ୍ନଟ ହୋଇଥିବାବେଳେ ଓଲଟପୁର ଥାନା ଅଞ୍ଚଳରେ ଥିବା ୨୦ଟି ବୁଥରୁ ୫ଟି ବୁଥ୍ ଅତି ସମ୍ବେଦନଶୀଳ ତାଲିକାରେ ରହିଛି। ଅନ୍ୟପକ୍ଷରେ କଣ୍ଟାପଡା ବ୍ଲକର ସୁନ୍ଦରଗ୍ରାମ, ବାଗଲପୁର, ଶିଶୁଆ, ବାଇରୋଇ ଓ ଅଡଶପୁର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟକୁ ଆଦର୍ଶ ବୁଥ୍‌ଭାବେ ମନୋନୀତ କରାଯାଇଛି। ନିରପେକ୍ଷ ନିର୍ବାଚନ ପାଇଁ ଉକ୍ତ ବୁଥ୍ ଗୁଡିକରେ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଛି ବୋଲି ଓଲଟପୁର ଥା ନାଧିକାରୀ ଚିନ୍ମୟୀ ସାହୁ ଓ ଗୋବିନ୍ଦପୁର ଥାନାଧିକାରୀ ଶରତଚନ୍ଦ୍ର ସେଠୀ କହିଛନ୍ତି।

### ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ଖୁଣ୍ଟୁଣୀ,୨୮।୪(ଡି.ଏନ୍.ଏ.):** ଖୁଣ୍ଟୁଣୀ ଶ୍ରୀରାମ ଯୁବ ପରିଷଦ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ରବିବାର ଖୁଣ୍ଟୁଣୀ ବଜାରରେ ଏକ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ପୁରୀ ଧର୍ମଶାଳାର ଅଧକ୍ଷ ସୁରେନ୍ଦ୍ର ସାହୁ ଉଦ୍‌ଘାଟନ କରିଛନ୍ତି। ଆଠଗଡ଼ ନଅ ସାହି ତୈଳିକ ବୈଶ୍ୟ ସମାଜ ସଭାପତି ଡ. ରାଜନ ସାହୁ, ଖୁଣ୍ଟୁଣୀ ସଭାପତି ପ୍ରଫୁଲ୍ଲ ସାହୁ, ପୀତବାସ ସାହୁ, ଗଦାଧର ସାହୁ, ବିପିନ ବିହାରୀ ପ୍ରଧାନ, ମିଳନ ମହାପାତ୍ର, ବଜ୍ର ଭୂଷଣ ପାତ୍ର ଓ ସାହିତ୍ୟିକ ସୁରେଶ ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ।

■ କଡ଼ା ସୁରକ୍ଷାରେ ମାହାଙ୍ଗା ନିର୍ବାଚନମଣ୍ଡଳୀ

# ସିସିଟିଭି ନଜରରେ ୯୯ ବୁଥ୍

**ନିଶ୍ଚିନ୍ତକୋଇଲି,୨୮।୪(ସ୍ୱ.ପ୍ର.)**

■ପୋଲିସର ଫ୍ଲାଗ୍ ମାର୍ଚ୍ଚ
■୫୨ ବୁଥରେ ସିଆଇଏସ୍ଏଫ୍ ଫୋର୍ସ ମୁତୟନ
■୨୭ ବୁଥରେ ୱେବ କାଷ୍ଟିଂ ବ୍ୟବସ୍ଥା

ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ଭୋଟ୍ ଗ୍ରହଣ ହେବ। କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ଅଧୀନସ୍ଥ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ଏଥିପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନମଣ୍ଡଳୀର ୩୦୩ ବୁଥ୍‌ରେ ପୋଲିଂ ଟିମ ପହଞ୍ଚି ସାରିଛନ୍ତି। ରବିବାର ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ ନେମାଳ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଦୁଇ ବ୍ଲକ ରହିଛି। ଏହି ଦୁଇ ବ୍ଲକରେ ସୁରକ୍ଷିତ ମତଦାନ ପାଇଁ ୫୨ ବୁଥରେ ସିଆଇଏସ୍ଏଫ୍ ଫୋର୍ସ ମୁତୟନ କରାଯାଇଥିବା ବେଳେ ୨୭ଟି ବୁଥରେ ୱେବ କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ସେହିପରି ୯୯ ବୁଥରେ ସିସି ଟିଭି ଲଗାଯାଇଛି। ୫୨ ବୁଥରେ ମାଇକ୍ରୋ ଅବଜରଭରଙ୍କୁ ନିୟୋଜିତ କରାଯାଇଛି। ୧୬ଟି ବୁଥରେ ଭିଡିଓ ରେକର୍ଡିଂ ବ୍ୟବସ୍ଥା କରାଯାଇଥିବା ବେଳେ ୮ବୁଥରେ ଫଟୋ ଉଠା ବ୍ୟବସ୍ଥା ହୋଇଛି। ମାହାଙ୍ଗା ବ୍ଲକର ୨୭ଟି ବୁଥରେ ୱେବ କାଷ୍ଟିଂ ବ୍ୟବସ୍ଥା ଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକର କୌଣସି ବୁଥରେ ୱେବ କାଷ୍ଟି ବ୍ୟବସ୍ଥା କରାଯାଇନାହିଁ। ବୁଥରେ ପୋଲିଂ ପାର୍ଟି ପହଞ୍ଚି ପ୍ରସ୍ତୁତ ହୋଇ ସାରିଛନ୍ତି। ଆବଶ୍ୟକସ୍ଥଳେ ବ୍ଲକ ପ୍ରଶାସନର ସହାୟତା ନିଆଯାଇଛି। ବିଭିନ୍ନ ବୁଥକୁ ସେକ୍ଟର ଅଫିସର ପରିଦର୍ଶନ କରି ବୁଥର ପ୍ରସ୍ତୁତି ଉପରେ ସମୀକ୍ଷା କରିଛନ୍ତି।

ମାହାଙ୍ଗା ଥାନା ପକ୍ଷରୁ ୧୭ ମୋବାଇଲ ଟିମ୍, ନେମାଳ ଥାନା ପକ୍ଷରୁ ୪ଟି ଟିମ, ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ୪ଟି ଟିମ ଓ ସାଲେପୁର ଥାନା ପକ୍ଷରୁ ୨ଟି ମୋବାଇଲ ଟିମ ଗଠନ କରାଯାଇଛି। ମାହାଙ୍ଗାରେ ଏକ ମୋଟର ସାଇକେଲ ମୋବାଇଲ ଟିମ ମଧ ନିୟୋଜିତ କରାଯାଇଛି। ନିଶ୍ଚିନ୍ତକୋଇଲିରେ ୯ ପ୍ଲାଟୁନ ପୋଲିସ, ୨୫ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସ୍ଥାନରେ ସନ୍ଧ୍ୟାରେ କଡ଼ାକଡ଼ି ଚେକିଂ କରାଯାଇଛି। ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନିଶ୍ଚିନ୍ତକୋଇଲି ବଜାର, ଶୁକରପଡା, କଟିକଟା, ଅସୁରେଶ୍ୱର, ତରତ, ନରେନ୍ଦ୍ରପୁର, ବନ୍ଧକାଟିଆ, ବାଲିଆପଦା ଓ ବରପଡା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସାଲେପୁର ଏସ୍‌ଡିପିଓ ସୁରେଶ ଚନ୍ଦ୍ର ଦାସ କହିଛନ୍ତି, ସମସ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କିପରି ଅବାଧ ଓ ନିରପେକ୍ଷ ନିର୍ବାଚନ ହେବ ତାହା ଉପରେ ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯାଇଛି।



ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଉଛି।




ନ୍ୟାଶନାଲ ମ୍ୟୁଜିକ୍ ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ଅଷ୍ଟମ ଲକ୍ଷ୍ମଣ ଗଡ଼ନାଏକ ସ୍ମୃତି ଆନ୍ତର୍ଜାତିକ ନୃତ୍ୟ ସଙ୍ଗୀତ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ତାରେଣୀ ପ୍ରିୟା ଭାରତ ନାଟ୍ୟମ ପରିବେଷଣ କରୁଛନ୍ତି।

## ରାଜ୍ୟସ୍ତରୀୟ ଆଇନଜୀବୀ ଦିବସ

**କଟକ ଅଫିସ, ୨୮।୪**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ସଂଘ ମିଳିତ ଆନୁକୂଲ୍ୟରେ ରବିବାର ହାଇକୋର୍ଟ ବାର କନ୍‌ଭେନ୍‌ଶନ ହଲ୍‌ରେ ମଧୁ ଜୟନ୍ତୀ ଓ ରାଜ୍ୟସ୍ତରୀୟ ଆଇନଜୀବୀ ଦିବସ ରବିବାର ପାଳିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ପ୍ରସନ୍ନ ନନ୍ଦଙ୍କ ପ୍ରଯୋଜିତ ମଧୁବାବୁଙ୍କ ଲିଖିତ ୭ଟି କବିତାର ଆଲବମ୍‌କୁ ହାଇକୋର୍ଟ ବାର୍ ଆସୋସିଏଶନ ୱେବ୍‌ସାଇଟ୍ ମାଧ୍ୟମରେ ମୁଖ୍ୟ ବିଚାରପତି ଲୋକାର୍ପଣ କରିଥିଲେ। ଏହାକୁ ବିନା ମୂଲ୍ୟରେ ଡାଉନ୍‌ଲୋଡ୍ କରିପାରିବା ପାଇଁ ବ୍ୟବସ୍ଥା କରାଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟରତ ବିଚାରପତି ଡ. ଅକ୍ଷୟ ରଥ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଅଧକ୍ଷ ଡ. ଟହଲି ଚରଣ ମହାନ୍ତି, ଭାରତୀୟ ଆଇନଜୀବୀ ପରିଷଦ ସଦସ୍ୟ ଦେବୀପ୍ରସାଦ ଧଳ ଯୋଗଦେଇଥିଲେ। ମୁଖ୍ୟବକ୍ତା ବିଶ୍ୱଭାରତୀ ଶାନ୍ତିନିକେତନ ପୂର୍ବତନ ଅଧାପକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ଦାସ ପ୍ରାରମ୍ଭିକ ସୂଚନା ଓ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପୂର୍ବତନ ଅଧକ୍ଷ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ଗୋଲକ ପ୍ରସାଦ ରାୟଙ୍କୁ ମଧୁଜ୍ୟୋତି ସମ୍ମାନ ଓ ଯୁଗଳ କିଶୋର ତ୍ରିପାଠୀଙ୍କୁ ମଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆସୋସିଏଶନ ଉପସଭାପତି ପୀୟୂଷ ମିଶ୍ର ଧନ୍ୟବାଦ ଦେଇଥିଲେ। ଆସୋସିଏଶନ ଯୁଗ୍ମ ସମ୍ପାଦକ ଜଟେଶ୍ୱର ନାୟକ, ସହସମ୍ପାଦକ ପଦ୍ମାଳୟା ମହାପାତ୍ର, ଲାଇବ୍ରେରି ସହସମ୍ପାଦକ ସୋମନାଥ ଶତପଥୀ, କାର୍ଯ୍ୟକାରୀ ସଦସ୍ୟ ମାନସୀ ଦାସ, ଅଧିରାଜ ମହାନ୍ତି, ଶାରଦା ପ୍ରସାଦ ତ୍ରିପାଠୀ, ଆଦିତ୍ୟ ପରିଡ଼ା, ସୁଜିତ୍ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିବେକ ମହାନ୍ତିଙ୍କ ସହାୟତାରେ ଆସୋସିଏଶନ ସଦସ୍ୟଙ୍କ ଏକ ମୋବାଇଲ ଆପ୍ ଉନ୍ମୋଚନ ହୋଇଥିଲା।



ରାଜ୍ୟସ୍ତରୀୟ ଆଇନଜୀବୀ ଦିବସରେ ଯୋଗ ଦେଇଥିବା ଅତିଥି।

## ଡା. ସି.ବି.କେ. ମହାନ୍ତି ପାଇବେ ଚେଲିତୋଲ ପୁରସ୍କାର

**କଟକ ଅଫିସ୍,୨୮।୪**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡା. ଚିନ୍ମୟ ବିଜୟ କୁମାର ମହାନ୍ତି ଚଳିତବର୍ଷର ମର୍ଯ୍ୟାଦାଜନକ ଚେଲିତୋଲ ପୁରସ୍କାର ପାଇବାକୁ ବିବେଚିତ ହୋଇଛନ୍ତି। ମେ' ୫ତାରିଖରେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଚେଲିତୋଲ କଲଚରାଲ ଏକାଡେମୀ ପକ୍ଷରୁ କୁହାଯାଇଛି। ପ୍ରଫେସର ମହାନ୍ତି ଜଣେ ଭେଷଜ ବିଜ୍ଞାନୀ ଭାବେ ଓଡ଼ିଶା ତଥା ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିଛନ୍ତି। କର୍ଣାଟକର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ସୁବାସ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡା. ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରିବେ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ନୀଳଚକ୍ରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**କଟକ ଅଫିସ,୨୮।୪**

ନୀଳଚକ୍ର ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ସେକ୍ଟର-୭ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କବି ଓ ସାହିତ୍ୟିକଙ୍କୁ ନେଇ ଏକ କବି ସମ୍ମିଳନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ନୀଳଚକ୍ର କେନ୍ଦ୍ର ସମ୍ପାଦକ କାହ୍ନୁଚରଣ ପାଣିଗ୍ରାହୀ ଏହାକୁ ପରିଚାଳନା କରଥିବା ବେଳେ ଶାଖା ସଭାପତି ମୁରଲୀଧର ଶତପଥୀ ସଭାରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀନିବାସ ରାଉତ ସମ୍ପାଦକୀୟ ପାଠ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ନୀରଦ କୁମାର ଆର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ନୀଳଚକ୍ର ସଭାନେତ୍ରୀ ନମିତା ପଣ୍ଡା, ଶାଖାର ମୁଖ୍ୟ ଉପଦେଷ୍ଟା ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ସୌରଚନ୍ଦ୍ର ମହାପାତ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ମୁଖ୍ୟ ଆକର୍ଷଣ କଂସ ମହାରାଜ ଭୂମିକାରେ ଭୁବନେଶ୍ୱର ପଧାନ ଏବଂ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନର ଆସୋସିଏଟ୍ ପ୍ରଫେସର କ୍ଷୀରୋଦ ମିଶ୍ରଙ୍କୁ 'ନୀଳଚକ୍ର ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି ସମ୍ମାନ-୨୦୧୯' ପ୍ରଦାନ କରାଯାଇଥିଲା। ଶାଖାର ଉପସଭାପତି ଡା. ଦୀପକ ରାଜ ଧନ୍ୟବାଦ ଦେଇଥିଲେ।

## ଜନ୍ମପୀଠରେ ମଧୁବାବୁଙ୍କ ଜୟନ୍ତୀ

**ସାଲେପୁର,୨୮।୪(ଡି.ଏନ.ଏ.):**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ତାଙ୍କ ଜନ୍ମସ୍ଥାନ ସାଲେପୁର ବ୍ଲକ ଅଧୀନ ସତ୍ୟଭାମାପୁରଠାରେ ରବିବାର ପାଳିତ ହୋଇଯାଇଛି। ମଧୁସ୍ମୃତି କମିଟି ଓ କସ୍ତୁରବା ଗାନ୍ଧୀ ସ୍ମାରକନିଧି ଟ୍ରଷ୍ଟ ମିଳିତ ସହଯୋଗ ଓ ସ୍ଥାୟୀ ସଭାପତି ଡ. ଜେ.ପି. ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଡ. ନିରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଡ. ଏକାଦଶୀ ପ୍ରଧାନ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ସୀତାବଲ୍ଲଭ ମହାପାତ୍ର, ଟ୍ରଷ୍ଟି ଗାୟତ୍ରୀ ଦାସ ଓ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସମେତ ରୋଟାରୀ କ୍ଲବ୍ ସଦସ୍ୟ ଓ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଏବଂ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତପୁର ଶିଳ୍ପାଞ୍ଚଳର ଆଇନ୍‌ଜୀବୀବୃନ୍ଦ, ବିକଳାନନ୍ଦ କର ଟ୍ରଷ୍ଟ ସଭାପତି ପ୍ରଶାନ୍ତ କୁମାର କର ଓ ଦିଲୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବାସୁଦେବ ରାଉତ ଧନ୍ୟବାଦ ଦେଇଥିଲେ।

## ମାତାପିତା ସନ୍ତାନଙ୍କ ଚରିତ୍ର ଗଠନରେ ଧ୍ୟାନଦେବା ଆବଶ୍ୟକ

**ଟିଗିରିଆ,୨୮।୪(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିଆ କରଡ଼ାପଲ୍ଲୀ ଜାମା ମସ୍‌ଜିଦଠାରେ ଜିଲା ଜମାତ ଅହମ୍ମଦିଆ ତୃତୀୟ ଜଲସା ସାଲାନା ଓ ଜମାତ ଅହମ୍ମଦିଆ କରଡ଼ାପଲ୍ଲୀର ଶତ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହାର ୧ମ ଅଧିବେଶନରେ ବକ୍ତାମାନେ ଯୋଗଦେଇ ମାତାପିତା ସନ୍ତାନର ଉତ୍ତମ ଚରିତ୍ର ଗଠନରେ ଧ୍ୟାନଦେବା ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ଅଧିବେଶନରେ ଜମାତ ଅହମ୍ମଦିଆ କରଡ଼ାପଲ୍ଲୀର ଗ୍ରାମ୍ୟ କମିଟି ସଭାପତି (ଅମୀର) ଜନାବ ରସିଦ ଅହମ୍ମଦ ସଭାପତିତ୍ୱ କରିଥିଲେ। ପ୍ରଥମେ କୋରାନ ଶ୍ଲୋକ ପାଠ ସହିତ ବିଶ୍ୱଶାନ୍ତି ପାଇଁ ନୀରବ ପ୍ରାର୍ଥନା ଓ ଉର୍ଦ୍ଦୁ କବିତା (ନଜମ) ପାଠ କରାଯାଇଥିଲା। ପରେ ମୁଖ୍ୟବକ୍ତା ମୌଲାନା ଫଜଲ ହକ୍ ଖାଁ ଯୋଗଦେଇ ଇସଲାମ ଧର୍ମ ପ୍ରତ୍ୟେକ ସ୍ତ୍ରୀ ଓ ପୁରୁଷ ପିଲାଙ୍କୁ ସ୍ୱାକ୍ଷର ହେବା ପାଇଁ ଆଦେଶ ଦେଇଛି। ଜ୍ଞାନୀ ଓ ଅଜ୍ଞାନୀ କଦାପି ଏକ ହୋଇପାରିବେ ନାହିଁ। ବୃକ୍ଷ ନିଜ ଫଳ ଦ୍ୱାରା ଜଣା ପଡ଼ିବା ଭଳି ପ୍ରଥମେ ବାପାମା' ସ୍ୱାକ୍ଷର ହେବା ଉଚିତ୍। ମାତାପିତା ପିଲାଙ୍କ ଚରିତ୍ର ଗଠନ ଦିଗରେ ଭଲ ଭାବେ ଧ୍ୟାନଦେବା ଆବଶ୍ୟକ। ନିଜ ଭିତରେ ଥିବା ପରୋପକାରୀତା ଓ ପବିତ୍ରତା ଭଳି ବହୁ ସଦ୍‌ଗୁଣ ନିଜ ସନ୍ତାନଙ୍କ ମଧ୍ୟରେ ପ୍ରତିଫଳନ କରାଇବା ବାପାମା'ଙ୍କ ପରମ କର୍ତ୍ତବ୍ୟ। ଯାହା ଦ୍ୱାରା ସନ୍ତାନଙ୍କ ନୈତିକ, ଆଧ୍ୟାତ୍ମିକ ଏବଂ ଚାରିତ୍ରିକ ଗୁଣର ବିକାଶ ହୋଇପାରିବ ବୋଲି କହିଥିଲେ। ଦ୍ୱିତୀୟ ବକ୍ତା ମୌଲାନା ହଲିମ୍ ଅହମ୍ମଦ ଖାଁ ଯୋଗଦେଇ ସତ୍ୟନିଷ୍ଠ ଓ ଧର୍ମ ପରାୟଣ ବ୍ୟକ୍ତି ହିଁ ଈଶ୍ୱରଙ୍କ ସାନିଧ୍ୟ ପାଇଥାଏ। ନମ୍ରତା ଓ ସାଧୁତା ଧର୍ମ ପରାୟଣ ବ୍ୟକ୍ତିଙ୍କ ପରିଚୟ ହୋଇଥାଏ। ପରମାତ୍ମାଙ୍କ ସ୍ମରଣରେ ଆତ୍ମଶାନ୍ତି ମିଳିଥାଏ। ଆତ୍ମଶାନ୍ତି ଦ୍ୱାରା ପରମାତ୍ମାଙ୍କ ଦର୍ଶନ ମିଳିଥାଏ ବୋଲି କହିଥିଲେ।

**ତୃତୀୟ ଜଲସା ସାଲାନା ଉଦ୍‌ଯାପିତ**

ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିବା ସଭାପତି ତାଙ୍କ ବକ୍ତବ୍ୟରେ ୧୯୧୯ ମସିହାରେ କରଡ଼ାପଲ୍ଲୀ ଗ୍ରାମରେ ଅହମ୍ମଦିଆ ମୁସଲିମ ସଂଗଠନ ସ୍ଥାପିତ ହୋଇଥିଲା ବୋଲି କହିବା ସହ ତତ୍କାଳୀନ ରାଜାଙ୍କ ଦରବାରରେ କରଡ଼ାପଲ୍ଲୀ ଓ ପଙ୍କାଳ ଗ୍ରାମର ଅନେକ ମୁସଲମାନ ଶ୍ରଦ୍ଧାର ସହିତ ବହୁ ପଦପଦବୀରେ ରହି କାର୍ଯ୍ୟ ତୁଲାଇଥିଲେ। ରାଜାଙ୍କ ମଧ ମୁସଲମାନଙ୍କ ପ୍ରତି ବହୁ ଆଶୀର୍ବାଦ ଥିଲା। ୧୦୦ବର୍ଷ ମଧ୍ୟରେ କରଡ଼ାପଲ୍ଲୀ ଗ୍ରାମର ମୁସଲମାନ ପ୍ରତ୍ୟେକ କ୍ଷେତ୍ରରେ ବିକଶିତ ହୋଇପାରିଛନ୍ତି ବୋଲି କହିଥିଲେ। ଅଧିବେଶନରେ ସମ୍ମାନିତ ଅତିଥି ମୌଲାନା ସମସୁଲ ହକ୍, ଇଦ୍ରିସ ଖାଁ, ଜବାର ଖାଁ, ତବାରକ୍ ଖାଁ ଓ ପ୍ରଫେସର ଅବଦୁଲ ଇସମାଇଲ ଖାଁ ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱଚ୍ଛନ୍ଦ ଜୀବନଯାପନ ଲାଗି ଇଞ୍ଜିନିୟରଙ୍କ ଭୂମିକା ଅନନ୍ୟ

**ଭୁବନେଶ୍ୱର, ୨୮।୪(ବ୍ୟୁରୋ)**

ସ୍ୱଚ୍ଛନ୍ଦ ଜୀବନଯାପନ ଦିଗରେ ଇଞ୍ଜିନିୟରଙ୍କ ଭୂମିକା ଅନନ୍ୟ। 'ଦି ଓଡ଼ିଶା ଇଞ୍ଜିନିୟରର୍ସ ଫୋରମ' ଏବଂ 'କଲେଜ ଅଫ ଇଞ୍ଜିନିୟରିଂ ଆଣ୍ଡ୍ ଟେକନୋଲୋଜି'ର ମିଳିତ ଆନୁକୂଲ୍ୟରେ 'ନିରନ୍ତର ସ୍ୱଚ୍ଛନ୍ଦ ଜୀବନଯାପନ ଲାଗି ଇଞ୍ଜିନିୟରଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ବକ୍ତା ଏହା କହିଛନ୍ତି। ଶନିବାର ଭୁବନେଶ୍ୱରସ୍ଥିତ ସିଟ୍ ସମ୍ମିଳନୀ କକ୍ଷରେ ଫୋରମର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱଚ୍ଛନ୍ଦ ଜୀବନଯାପନ ଲାଗି ଇଞ୍ଜିନିୟରିଂର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି କହିଥିଲେ। ଭୁବନେଶ୍ୱରକୁ ସ୍ମାର୍ଟ ସିଟି ଭାବେ ଗଢ଼ି ତୋଳିବାରେ ଇଞ୍ଜିନିୟରମାନଙ୍କ ଯଥେଷ୍ଟ ଅବଦାନ ରହିଛି। ଇଞ୍ଜିନିୟରିଂ ବିଦ୍ୟାର ସଦୁପଯୋଗ ଫଳରେ ଭୁବନେଶ୍ୱର ଭବିଷ୍ୟତରେ ବିଶ୍ୱର ଏକ ଉତ୍ତମ ସ୍ମାର୍ଟ ସିଟିର ମାନ୍ୟତା ଲାଭ କରିପାରିବ ବୋଲି ପାଢ଼ୀ କହିଥିଲେ। ଖଡ଼ଗପୁର ଆଇଆଇଟିର ପ୍ରାକ୍ତନ ଡିନ୍ ପ୍ରଫେସର ପ୍ରତାପ କୁମାର ଜଗଦେବ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଣିଷର ଜୀବନଧାରଣ ପାଇଁ ବିଭିନ୍ନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ଡ. ଭକ୍ତକବି ଦାସଙ୍କ ସଭାପତିତ୍ୱରେ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ପ୍ରଫେସର ଅଶୋକ କୁମାର ତ୍ରିପାଠୀ, ଇଂ. ବିଜୟ ଚନ୍ଦ୍ର ତ୍ରିପାଠୀ, ଇଂ. ଅଶୋକ କୁମାର ଚୌଧୁରୀ, ସ୍ଥପତି ଆଦିଶ ନାର୍ଗୁଣ୍ଡେ ପ୍ରମୁଖ ଏଥିରେ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ସେହିପରି ତୃତୀୟ ଅଧିବେଶନରେ ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ହାଇଦ୍ରାବାଦସ୍ଥିତ ବିଟିବିଟିର ନିର୍ଦ୍ଦେଶକ ଡ. ସୁବାସ ରସ୍ତୋଗୀ, ଇଂ. ଯୁଗଳ କିଶୋର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଞ୍ଜିନିୟରଙ୍କ ବହୁବିଧ ଗୁଣାବଳୀ ଉପରେ ଆଲୋଚନା କରିଥିଲେ। ଫୋରମ୍‌ର କାର୍ଯ୍ୟକାରୀ ଅଧକ୍ଷ ଇଂ. ବିମଳ ଚନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଇଂ. ଶିଶିର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସିଟ୍‌ର ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିଲେ। ଆଇଏମ୍ଆଇଟିର ଅଧକ୍ଷ ପ୍ରଫେସର ପ୍ରଭାତ କୁମାର ପାଢ଼ୀ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ନିଜର ବିଶେଷ ମତ ରଖିଥିଲେ। ଆଇଆଇଟି ଖଡଗପୁର ବିଦ୍ୟୁତ ବିଭାଗ ପ୍ରଫେସର ଡ. ଅରବିନ୍ଦ ରାଉତରାୟ ଭିତ୍ତି ନିବନ୍ଧ ଉପସ୍ଥାପନ କରିଥିଲେ।




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି।



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ କଟକ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପାର୍ଶ୍ୱରେ ଥିବା ମଧୁସୂଦନ ସଂଗ୍ରହାଳୟସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଥିବା ବ୍ୟକ୍ତିବୃନ୍ଦ।



କଟକ କ୍ୟାଣ୍ଟନମେଣ୍ଟ ରୋଡ଼ରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ବିଜୟ କୁମାର ଖଣ୍ଡାୟତରାୟ (ଏଡିଏମ୍) ମାଲ୍ୟାର୍ପଣ କରିବା ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।



ସାଲେପୁର: ମଧୁବାବୁଙ୍କ ଜନ୍ମପୀଠରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ମାଲ୍ୟାର୍ପଣ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଏପ୍ରିଲ, ୨୦୧୯



ନାମରେ ଭକ୍ତି, ଜୀବରେ ଦୟା, ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ ।
- ଗୁରୁ ନାନକ



## ସଂକ୍ଷେପରେ

### ରାଜନୈତିକ ଶତ୍ରୁତାରୁ ମାରପିଟ : ୩ ଆହତ

**ଖୋର୍ଦ୍ଧା ଅଫିସ,୨୮।୪:** ବାଣପୁର ଥାନା ଗାଲୁଆ ଗାଁରେ ରାଜନୈତିକ ଶତ୍ରୁତାକୁ ନେଇ ଦୁଇ ପରିବାର ମଧ୍ୟରେ ରବିବାର ମାରପିଟ ହୋଇଛି। ଏଥିରେ ଜଣେ ମହିଳାଙ୍କ ସମେତ ଦୁଇଜଣ ଆହତ ହୋଇଛନ୍ତି। ପୋଲିସ ଦୁଇଟି ମକଦ୍ଦମା ରୁଜୁ କରି ଉଭୟପକ୍ଷର ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ଯୋଗୁ ୩ ଅଭିଯୁକ୍ତଙ୍କୁ ବାଣପୁର ସବ୍ ଜେଲକୁ ପଠାଇ ଦିଆଯାଇଛି। ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଦୁଇ ପରିବାର ଦୁଇଟି ଭିନ୍ନ ଭିନ୍ନ ରାଜନୈତିକ ଦଳକୁ ସମର୍ଥନ କରି ମାରପିଟ୍ ହୋଇଥିବା ଜଣାପଡିଛି। ଶନିବାର ରାତ୍ରିରେ ସ୍ଥାନୀୟ ୱାର୍ଡମେମ୍ବର ଶଙ୍କର ପ୍ରଧାନଙ୍କ ସ୍ତ୍ରୀ ଇନ୍ଦୁମତୀ ନିଜ ଘର ସାମନାରେ ଥିବା ଏକ ମଣ୍ଡପକୁ ଧୋଉଥିଲେ। ଗ୍ରାମର ବେଣୁଧର ପ୍ରଧାନ ଓ ତାଙ୍କ ପୁଅ ହେମନ୍ତ ସେଠାରେ ପହଞ୍ଚି ଇନ୍ଦୁମତୀଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦ କରିବାରୁ ବାପପୁଅ ଇନ୍ଦୁମତୀଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ଏଥିରେ ଇନ୍ଦୁମତୀ ଆହତ ହୋଇଥିଲେ। ଅନ୍ୟପକ୍ଷରେ ବେଣୁଧରଙ୍କୁ ଶଙ୍କର ପ୍ରଧାନଙ୍କ ପୁଅ ଶିବ ଏକ କଟୁରିରେ ଆକ୍ରମଣ କରିବାରୁ ସେ ଅନୁରୂପ ଭାବେ ଆହତ ହୋଇଛନ୍ତି। ପୋଲିସ ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ନଂ. ୧୧୮/୧୯, ୧୧୯/୧୯ରେ ଦୁଇଟି ମାମଲା ରୁଜୁ କରିଛି। ପ୍ରଥମପକ୍ଷରେ ବାପ ବେଣୁଧର ଓ ପୁଅ ହେମନ୍ତ ଓ ଦ୍ୱିତୀୟ ପକ୍ଷର ଶିବଙ୍କୁ ଗିରଫ କରିଛି।

### ସାନହନ୍ତୁଆଡରେ ଅଟୋ ପୋଡ଼ି

**ଖୋର୍ଦ୍ଧା ଅଫିସ,୨୮।୪:** ବାଣପୁର ଥାନା ସାନହନ୍ତୁଆଡ ଗାଁରେ ଶନିବାର ମଧରାତ୍ରରେ ଘର ସମ୍ମୁଖରେ ଥିବା ଏକ ଅଟୋକୁ କେହି ଦୁର୍ବୃତ୍ତ ପୋଡି ଦେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସାନହନ୍ତୁଆଡ ଗ୍ରାମର ଅଭିମନ୍ୟୁ ପ୍ରଧାନ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ଅଭିମନ୍ୟୁ ପ୍ରତି ଦିନ ଭଳି ଶନିବାର ରାତିରେ କାମରୁ ଫେରି ଘର ସମ୍ମୁଖରେ ଅଟୋକୁ ରଖି ଥିଲେ। ତେବେ ଶୋଇବା ଅବସ୍ଥାରେ କେହି ଦୁର୍ବୃତ୍ତ ଅଟୋକୁ ନିଆଁ ଲଗାଇ ଦେଇଥଲେ। ତେବେ ଅଟୋ ନିଆଁ ଲଗାଇବା ପଛରେ ପୂର୍ବଶତ୍ରୁତା ରହିଥିବା ଅନୁଭବ କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଗାଁର ୨ଜଣ ଏଥିରେ ସାମିଲ ଥିବା ଅଭିଯୋଗ ହୋଇଛି।

### ଅର୍ଥାଭାବରୁ ଝାଲମୁଢ଼ି ବିକ୍ରେତାଙ୍କ ମୃତ୍ୟୁ

**ନିରାକାରପୁର,୨୮।୪(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନ ପ୍ଲାଟଫର୍ମ ଉପରେ ଦୀର୍ଘ ବର୍ଷହେଲା ଝାଲମୁଢ଼ି ବିକ୍ରି କରୁଥିବା ଜଣେ କ୍ଷୁଦ୍ର ବ୍ୟବସାୟୀଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ନିରାକାରପୁର ପଞ୍ଚାୟତ ପାଣ୍ଡବ ପାଟଣା ଗ୍ରାମର ମଧୁସୂଦନ ବେହେରା (୬୭)। ଗତ କିଛି ଦିନ ହେଲା ତାଙ୍କ ଖାଦ୍ୟନଳୀରେ ମାଂସ ବୃଦ୍ଧି ହେବାରୁ ସେ କିଛି ବି ଖାଇ/ପିଇ ପାରୁ ନ ଥିଲେ । ଏ ନେଇ ମଧୁସୂଦନ ଡାକ୍ତରଙ୍କୁ ଦେଖା କରିବା ପରେ ଅପରେଶନ ପାଇଁ ଲକ୍ଷାଧିକ ଟଙ୍କା ଲାଗିବ ବୋଲି ଡାକ୍ତର କହିଥିଲେ । ତେବେ ସେ ଏତେ ଅର୍ଥ ଯୋଗାଡ଼ କରି ନ ପାରିବାରୁ ତାଙ୍କର ରୋଗ ବଢିବାକୁ ଲାଗିଥିଲା। ମଧୁସୂଦନ ୪/୫ ଦିନ ହେଲା କିଛି ବି ଖାଦ୍ୟ/ପାନୀୟ ଗ୍ରହଣ କରିପାରୁ ନ ଥିଲେ। ଉଲ୍ଲେଖଯୋଗ୍ୟ କି ରାଜ୍ୟ ଓ କେନ୍ଦ୍ର ସରକାର ଗରିବ, ଅସହାୟଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଚିକିତ୍ସା ଅଭାବରୁ ଗରିବଟିଏ ମୃତ୍ୟୁବରଣ କରୁଥିବାରୁ ବାସ୍ତବରେ ଏ ଯୋଜନା କାହା ପାଇଁ ଚାଲିଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

### ସ୍ତ୍ରୀ, ଶାଶୁଙ୍କୁ ଆକ୍ରମଣ କରି ଜେଲ ଗଲେ ଜ୍ୱାଇଁ

**ଗୋପ, ୨୮।୪(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ପୋଡ଼ପଡ଼ା ଗ୍ରାମରେ ନିଜ ସ୍ତ୍ରୀ ଓ ଶାଶୁଙ୍କୁ ଆକ୍ରମଣ କରି ଜ୍ୱାଇଁ ରବିବାର ଜେଲ ଯାଇଛନ୍ତି। ପ୍ରକାଶ ଯେ, ୨୦୦୯ରେ ପୋଡ଼ପଡ଼ା ଗ୍ରାମର ଶୁଭଶ୍ରୀ ସାହୁ ଭୁବନେଶ୍ୱର ଅଞ୍ଚଳର କିଶୋର ସାହୁଙ୍କୁ ବିବାହ କରିଥିଲେ। କିଛିବର୍ଷ ବୈବାହିକ ଜୀବନ ସୁଖରେ ଚାଲିବା ପରେ ରବିବାର ଅପରାହ୍ନରେ କିଶୋର ନିଶାସକ୍ତ ଅବସ୍ଥାରେ ଶ୍ୱଶୁର ଘରେ ପହଞ୍ଚି ଶାଶୁ ସ୍ୱର୍ଣ୍ଣଲତା ଓ ସ୍ତ୍ରୀ ଶୁଭଶ୍ରୀଙ୍କୁ ଆକ୍ରମଣ କରିଥିଲେ। ପରେ ଗ୍ୟାସ୍ ଚୁଲା ଭାଙ୍ଗି ନିଆଁ ଲଗାଇଦେବାକୁ ଉଦ୍ୟମ କରିଥିବା ଶାଶୁ ସ୍ୱର୍ଣ୍ଣଲତା ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି କିଶୋରଙ୍କୁ ଗିରଫ କରିଛି।

## ■ ଶିଳ୍ପସଂସ୍ଥା ଉପରେ ଲଗାମ ନାହିଁ

# ଖୋର୍ଦ୍ଧା ସହରରେ ବଢୁଛି ଜଳସଙ୍କଟ

**ଖୋର୍ଦ୍ଧା ଅଫିସ,୨୮।୪**

ଖୋର୍ଦ୍ଧା ସହର ଓ ଜିଲାର ବିଭିନ୍ନ ବ୍ଲକରେ ଲାଗି ରହୁଥିବା ଜଳସଙ୍କଟ ସମସ୍ୟାର ସାମାଧାନ କରାଯାଉ ନ ଥିବାରୁ ପ୍ରତିବର୍ଷ ଉତ୍କଟ ରୂପ ଧାରଣ କରୁଛି। ସହର ଓ ବ୍ଲକବାସୀଙ୍କୁ ପାନୀୟଜଳ ନିଅଣ୍ଟ ହେଉଛି। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ପାନୀୟଜଳ ଲାଗି ଲୋକେ ଉହଲବିକଳ ହେଉଛନ୍ତି। ଅଭିଯୋଗର ୨୪ ଘଣ୍ଟା ଭିତରେ ଭଙ୍ଗାରୁଜା ଷ୍ଟାଣ୍ଡପୋଷ୍ଟ ଓ ଅଚଳ ନଳକୂପର ମରାମତି କରାଯିବ ବୋଲି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଥିବାବେଳେ ପ୍ରକୃତି ସ୍ଥିତି କିନ୍ତୁ ଅଲଗା। ଅଭିଯୋଗ କରି ଥକି ଗଲେ ମଧ ମରାମତି କରାଯାଉନାହିଁ। ସାରା ରାଜ୍ୟରେ ତାତି ବଢିବାରେ ଲାଗିଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପରିସ୍ଥିତି ଗମ୍ଭୀର ହେଉଛି। ଗୋଟିଏ ପଟେ ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି ସାଙ୍ଗକୁ ଅନ୍ୟପଟେ ଭୂତଳ ଜଳ ହ୍ରାସ ଚିନ୍ତା ବଢାଇଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଉପରେ ଲଗାମ ନ ଥିବାରୁ ସହରବାସୀ ପାଣି ଟୋପାଏ ପାଇଁ ହଇରାଣ ହେଉଛନ୍ତି। କୂଅ, ଗାଡିଆ ଓ ପୋଖରୀ ଶୁଖିଗଲାଣି। ନଳକୂପରୁ ପାଣି ଠିକ୍ ଭାବେ ବାହାରୁନି। ଜନସ୍ୱାସ୍ଥ୍ୟ ବିଭାଗ ଓ ପାନୀୟଜଳ ପ୍ରକଳ୍ପ



ଯୋଗାଉଥିବା ପାଣିର ସିଂହଭାଗ ଚୋରି ହେଉଛି। ଲୋକେ ଜଳକର ଦେଇ ବି ପାଣି ଟୋପାଏ ପାଉନାହାନ୍ତି। ଅଧିକାଂଶ ସ୍ଥାନରେ ନଳକୂପର ଆବଶ୍ୟକତା ଥିଲେ ମଧ ନୂଆ ଖନନ କରାଯାଉନି। ସହର ହେଉ କି ଗାଁ ପାଣି ସମସ୍ୟା ସମାଧାନ ହେଉନି ବରଂ ଉତ୍କଟ ହୋଇ ଚାଲିଛି। ଏଭଳିସ୍ଥଳେ ଖୋର୍ଦ୍ଧା ସହରକୁ ନରାଜ ପାଣି ଯୋଗାଣ ହୋଇଥିଲେ ବି ଲୋକଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। କାରଣ ସବୁ ସ୍ଥାନରେ ନରାଜ ପାଣି ପହଞ୍ଚିପାରୁନି। ଖୋର୍ଦ୍ଧା ସହରର ଅଧିକାଂଶ ରାସ୍ତାରେ ପାଣି ଲିକେଜ ହେଉଥିବାବେଳେ ଲୋକେ ପାଣି ମୁନ୍ଦେ ପାଉନାହାନ୍ତି।

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ରହିଛି। ସେଥିମଧ୍ୟରୁ

### ଶୋଷ ମେଣ୍ଟାଇ ପାରିଲାନି ନରାଜ ପାଣି

ମୃଦୁ ପାନୀୟ ଓ ମଦ କମ୍ପାନୀ ଆଦି ଶିଳ୍ପର ଜଳ ଚାହିଦା ଯଥେଷ୍ଟ ଅଧିକ ରହିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିଳ୍ପକୁ ପାଣି ଯୋଗାଇବାର ବ୍ୟବସ୍ଥା ନାହିଁ। ସେମାନେ ଇଡ୍‌କୋଠାରୁ ପାଣି ନେଇ ବ୍ୟବହାର କରିବାର ବ୍ୟବସ୍ଥା ରହିଛି। ହେଲେ ଇଡ୍‌କୋ ଆବଶ୍ୟକ ପାଣି ଯୋଗାଇବା ସତ୍ତ୍ୱେ ବି ସେମାନଙ୍କୁ ପାଉନି। ଏଭଳିସ୍ଥିତିରେ ଅଧିକାଂଶ ସଂସ୍ଥା ନିଜ ଶିଳ୍ପ ଅଞ୍ଚଳ ପରିସରରେ ବେଆଇନ ଭାବେ ଏକାଧିକ ଡିପ ବୋରୱେଲ ଖୋଲି ଜଳ ମନଇଚ୍ଛା ବ୍ୟବହାର କରୁଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପର ପାଣି ଉପରେ ନିର୍ଭର ନ କରି ପାଣି ସଙ୍କଟରୁ ବର୍ତ୍ତିବା ଲାଗି ଅଧିକାଂଶ ଲୋକ ଗାଁ ଓ ସହର ଘର ମଧ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଡିପ ବୋରୱେଲ ଖୋଲୁଛନ୍ତି। ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ରହିଥିବା ୪ରୁ ଊର୍ଦ୍ଧ୍ୱ ପାଣି ପାଉଚ ଶିଳ୍ପ ବର୍ଷ ତମାମ ପାଣି ପାଉଚ୍ କରୁଥିବାରୁ ଜଳସ୍ତର କମିବାରେ ଲାଗିଛି।

### ୧୪୭ ନଳକୂପ ଅଚଳ

ଖୋର୍ଦ୍ଧା ଜିଲାର ସଦର ବ୍ଲକରେ ୧୭, ବେଗୁନିଆରେ ୧୬, ବୋଲଗଡରେ ୧୩, ଟାଙ୍ଗୀରେ ୧୨, ଚିଲିକାରେ ୧୧, ବାଣପୁରରେ ୧୬, ବାଲିଅନ୍ତାରେ ୧୯, ବାଲିପାଟଣାରେ ୨୨, ଭୁବନେଶ୍ୱରରେ ୯, ଜଟଣୀରେ ୧୨ ଏପରି ଜିଲାରେ ୧୪୭ ନଳକୂପ ଅଚଳ ହୋଇ ପଡିଥିବା ଅଭିଯୋଗ ରହିଛି। ପୁଣି ୧୨୧ ନଳକୂପରୁ ପାଣି ମୁନ୍ଦେ ମୁନ୍ଦେ, ଅପରିଷ୍କାର ଜଳ ଓ ଫ୍ଲୋରାଇଡ ପାଣି ବାହାରୁଛି। ସହରରେ ଥିବା କେତେକ ଷ୍ଟାଣ୍ଡ ପୋଷ୍ଟରେ ପାଣି ଆଦୌ ଆସୁ ନ ଥିବାବେଳେ କିଛି ଷ୍ଟାଣ୍ଡପୋଷ୍ଟରେ ପାଣି ଧିମେଇ ଧିମେଇ ଆସୁଛି। ଗ୍ରାମାଞ୍ଚଳରେ ପାନୀୟଜଳ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାର ଅଭିଯୋଗ ରହିଛି।

## ଆମ୍ବ ତୋଳିବା ବିପଦ ପାଲଟିଲା

# ମହୁମାଛି ଆକ୍ରମଣରେ ୬ ଆହତ



ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିବା ଦେବରାଜ।

**ବୋଲଗଡ଼,୨୮।୪(ଡି.ଏନ.ଏ.)**

ଆମ୍ବ ତୋଳିବା କେତେଜଣଙ୍କ ପାଇଁ ବିପଦର କାରଣ ପାଲଟିଛି। ରବିବାର ଗଛରୁ ଆମ୍ବ ତୋଳିବା ସମୟରେ ମହୁମାଛି ଆକ୍ରମଣରେ ବୋଲଗଡ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ବାରବାଟି ଗ୍ରାମର ୬ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅବସ୍ଥାରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି । ଗୁରୁତର ଜଣକ ହେଉଛନ୍ତି ବାରବାଟି ଗ୍ରାମର ଦେବରାଜ ମାଝି (୪୯)। ଘଟଣାରୁ ପ୍ରକାଶ, ଏହି ଗ୍ରାମ ନିକଟସ୍ଥ ଏକ ଆମ୍ବ ଗଛରେ ଚଢ଼ି ଦେବରାଜ ଆମ୍ବ ତୋଳିବା ସମୟରେ ଗଛରେ ଥିବା ବାଘୁଆ ମହୁମାଛି ଆକ୍ରମଣରେ ସେ ଗୁରୁତର ହୋଇଥିଲେ। ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ମଧ ମହୁମାଛି ଆକ୍ରମଣ କରିଥିଲା । ଗ୍ରାମର ଲୋଚନ ପ୍ରଧାନ (୬୫), ନବକିଶୋର ମାଝି(୫୫) ଏବଂ ଭରତ ପ୍ରଧାନ (୮୧) ମଧ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ।

## ବାର୍ ଆସୋସିଏଶନ୍ ପକ୍ଷରୁ ଆଇନଜୀବୀ ଦିବସ

# ଜଟଣୀରେ ଚଳିତବର୍ଷ ଖୋଲିବ କୋର୍ଟ




ଆଇନ ସେବା ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

**ଜଟଣୀ, ୨୮।୪(ଡି.ଏନ.ଏ.)**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ଜଟଣୀ ବାର୍ ଆସୋସିଏଶନ୍ ପକ୍ଷରୁ ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ରବିବାର ସନ୍ଧ୍ୟାରେ ଆଇନଜୀବୀ ଦିବସ ପାଳନ କରାଯାଇଥିଲା। ଜଟଣୀ ବାର୍ ଆସୋସିଏଶନର ସଭାପତି ଉମେଶ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲା ଜଜ୍ ସତ୍ୟ ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁସୂଦନଙ୍କ ଜୀବନୀ ଉପରେ ବିସ୍ତୃତ ଭାବେ ପ୍ରକାଶ କରିଥିଲେ। ସେ ଜଣେ ଭଲ ଓକିଲ ସହ ତାଙ୍କ ନିକଟରେ ଥିବା ମଣିଷ ପଣିଆ ଉପରେ ସୂଚନା ଦେଇଥିଲେ। ଆଇନଜୀବୀଙ୍କ ସମେତ ଅନ୍ୟମାନେ ମଧୁସୂଦନଙ୍କ ଜୀବନୀ ପଢ଼ିବା, ଜାଣିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଆଇନସେବା ଲୋକଙ୍କ ନିକଟତର ହେବା ଉପରେ ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ। ଜଟଣୀରେ କୋର୍ଟ ଖୋଲିବା ନେଇ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବା ସେ କହିଥିଲେ। ଚଳିତବର୍ଷ ଏଠାରେ କୋର୍ଟ ଖୋଲିବା ନେଇ ସୂଚନା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲା ଜଜ୍ ଉମା ଚରଣ ମିଶ୍ର ଓ ନାଇଜର ରେଜିଷ୍ଟ୍ରାର ଅଭୟ କୁମାର ନାୟକ ଅତିଥି ଭାବେ ଯୋଗଦେଇ ମଧୁସୂଦନ ନିଜେ ଜଣେ ସ୍ୱାଭିମାନ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ଏଥିପାଇଁ ସମସ୍ତ ଓଡ଼ିଆ ସ୍ୱାଭିମାନର ସହିତ ବଞ୍ଚିବା ଉପରେ ସେ ଗୁରୁତ୍ୱ ଦେଉଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ବାର ଆସୋସିଏଶନର ସମ୍ପାଦକ ଦିଲୀପ ସୁବୁଦ୍ଧି ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ଆଇନଜୀବୀ ଉପସ୍ଥିତ ରହିଥିଲେ।

### ଜଟଣୀ ପୁସ୍ତକମେଳା ମେ' ୩ରୁ

**ଜଟଣୀ, ୨୮।୪ (ଡ଼ି.ଏନ.ଏ.) :** ଏକବିଂଶତମ ଜଟଣୀ ପୁସ୍ତକମେଳା ମେ' ୩ ରୁ ଆରମ୍ଭ ହେବ। ସ୍ଥାନୀୟ ଟାଉନ୍ ହଲ୍ (ସ୍ରଷ୍ଟା) ପରିସରରେ ୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ରବିବାର ଏଠାରେ ଖବରଦାତା ସମ୍ମିଳନୀରେ ଏହାର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ୨୫ରୁ ଅଧିକ ପ୍ରକାଶନୀ ସଂସ୍ଥା ଏହି ପୁସ୍ତକମେଳାରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ପ୍ରତିଦିନ ସନ୍ଧ୍ୟାରେ ପୁସ୍ତକମେଳା ମଞ୍ଚରେ ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା ଉପରେ ସଭା ଆୟୋଜିତ ହେବ। ପାରମ୍ପରିକ ନୃତ୍ୟଗୀତ ସହ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, କବିତା ଆବୃତ୍ତି, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ଗଳ୍ପ କଥନ, କୌତୁକ ପୋଷାକ, ମୁରୁଜ, ହୁଳହୁଳି, ଶଙ୍ଖଧ୍ୱନି ଆଦି ଉପରେ ପ୍ରତିଯୋଗିତା କରାଯାଇ ଉଦ୍‌ଯାପନୀ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୪ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହାଛଡ଼ା ଜଟଣୀ ବ୍ଲକ, ମ୍ୟୁନିସିପାଲିଟି ଅଞ୍ଚଳରେ ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯିବ ବୋଲି ପୁସ୍ତକମେଳା କମିଟିର କାର୍ଯ୍ୟକାରୀ ସଭାପତି କୁମାର ମୋହନ ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ମହାନ୍ତି, କ୍ଷୀରୋଦ କୁମାର ନନ୍ଦ, ତ୍ରିନାଥ ସାମନ୍ତରାୟ, କିଶୋର ପାଇକରାୟ, ଭବାନୀ ଶଙ୍କର ମହାପାତ୍ର ସୂଚନା ଦେଇଥିଲେ।

# ଜନବସତି ଅଞ୍ଚଳରେ ବେଆଇନ ଇଟାଭାଟି

**ବାଲୁଗାଁ,୨୮।୪(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଚିଲିକା ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପଟେ ଅସହ୍ୟ ତାତି ଓ ଅନ୍ୟପଟେ ବେଆଇନ ଇଟାଭାଟିର ଉତ୍ତପ୍ତ ଧୂଆଁ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥର ଅଲାଇଡ଼ିହ ଛକଠାରୁ ଧୂଆଁଳ ମଧ୍ୟରେ ରାସ୍ତାପାର୍ଶ୍ୱ ଓ ଗ୍ରାମ ସନ୍ନିକଟ ଜନବସତି ଅଞ୍ଚଳରେ ଏକାଧିକ ବେଆଇନ ଇଟାଭାଟି ଗଢିଉଠିଛି। ଜନବସତି ଅଞ୍ଚଳରୁ ଦୂରତାକ୍ରମେ ଇଟାଭାଟି ଗଢିବା ନିୟମ ରହିଛି । କିନ୍ତୁ ଭାଟି ମାଲିକମାନେ ତହସିଲ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ହାତବାରିସି କରି ଇଟାଭାଟି ଗଢି ବେଶ୍ ମୁନାଫା କମାଇବାରେ ଲାଗିଛନ୍ତି । ଗ୍ରୀଷ୍ମ ତାତିରେ ଲୋକେ ଉହଲବିକଳ ହେଉଥିବା ବେଳେ ଇଟାଭାଟିର ବିଷାକ୍ତ ଧୂଆଁ ପରିବେଶ ପ୍ରଦୂଷିତ କରୁଛି। ଇଟାଭାଟିର ଧୂଆଁ ତାତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜାରି ରହିଥିବାରୁ ଲୋକେ ଶାନ୍ତିରେ ନିଦ୍ରା



ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ଇଟାଭାଟି।

ଯାପନ କରିପାରୁନାହାନ୍ତି। ବିଶେଷ କରି ଧୂଆଁଳ, ଗୋପୀନାଥପୁର, ବିଷ୍ଣୁଡ଼ିହ, କୋତରୀ, ଖଣତ ସମେତ ରାଜପଥ ପାର୍ଶ୍ୱ ଅଞ୍ଚଳବାସୀ ଏହି ଅସୁବିଧା ଭୋଗୁଛନ୍ତି। ଭାଟି ପାର୍ଶ୍ୱ ରାଜପଥ ଦେଇ ଦୈନନ୍ଦିନ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ ଏ ଦିଗରେ କାହାର ଦୃଷ୍ଟି ନ ପଡ଼ିବା ଅଞ୍ଚଳବାସୀଙ୍କୁ ଆଚମ୍ବିତ କରିଛି । ଏ ସଂକ୍ରାନ୍ତରେ ବାଣପୁର ତହସିଲଦାର ସସ୍ମିତା ବାରିକଙ୍କୁ ପଚାରିବାରୁ ସେ କହିଥିଲେ, ଗ୍ରୀଷ୍ମଋତୁ ପ୍ରାରମ୍ଭରୁ ସମ୍ପୃକ୍ତ ଭାଟି ମାଲିକଙ୍କୁ ସଚେତନ କରାଯାଇଥିଲା । ଯଦି କେହି ଆଇନକୁ ଖିଲାପ କରୁଛି, ନିକଟସ୍ଥ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଷୁବ ସଂକ୍ରାନ୍ତି, ଚୈତ୍ର ପୂର୍ଣ୍ଣିମା ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ, ୨୮।୪:** ଖୋର୍ଦ୍ଧା ଗୀତାଭବନ ପରିସରରେ ରବିବାର ମାସିକ ସଂସ୍କୃତି ଚର୍ଚ୍ଚାରେ ଉତ୍କଳୀୟ ସଂସ୍କୃତିରେ ବିଷୁବ ସଂକ୍ରାନ୍ତି ଓ ଚୈତ୍ର ପୂର୍ଣ୍ଣିମା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କବୟିତ୍ରୀ କଳା ପଟ୍ଟନାୟକ ସାରସ୍ୱତ ମଞ୍ଚ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୋଚକ ଭାବେ ସାହିତ୍ୟିକ ବିପିନ ବିହାରୀ ମହାନ୍ତି ଓ ପ୍ରାଧାପକ ଗୋପାଳକୃଷ୍ଣ ଦାସ ଯୋଗଦେଇ କୈବର୍ତ୍ତଙ୍କ ଭୂମିକା, ଘୋଡାନାଚ, ବାସେଳୀ ଠାକୁରାଣୀଙ୍କ ପୂଜା ଉପରେ ଟିପ୍ପଣୀ ଦେଇଥିଲେ। ପ୍ରଭୁ ଶ୍ରୀରାମଙ୍କ ଡଙ୍ଗା ପାର ବେଳେ ଓ ମହାଭାରତରେ କୈବର୍ତ୍ତଙ୍କ ଭୂମିକା ରହିଥିବା କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବିଷୁବ ସଂକ୍ରାନ୍ତି ଓ ନବବର୍ଷ ଉପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ନୀଳାଦ୍ରି ଜଗଦ୍ଦେବ ଓ ବିକ୍ରମ ଚମ୍ପତିଙ୍କ ସଂଯୋଜନାରେ କବିମାନେ କବିତା ଆବୃତ୍ତି କରିଥିଲେ। ଶେଷରେ ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ନାଲ ତ୍ରିକଳିଙ୍ଗର ୨ୟ ସଂଖ୍ୟା ଉନ୍ମୋଚନ ଅତିଥିଙ୍କ ଦ୍ୱାରା ହୋଇଯାଇଛି। ପ୍ରଫୁଲ୍ଲ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈକୁଣ୍ଠନାଥ ରାଜଗୁରୁ, ଶିବ ସୁନ୍ଦର ପଟ୍ଟନାୟକ ଉପସ୍ଥିତ ଥିଲେ।

# ସବୁଠି ମଧୁସୂଦନ ଜୟନ୍ତୀ ପାଳିତ

**ଖୋର୍ଦ୍ଧା ଅଫିସ,୨୮।୪**

ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ଭାଷା ଆନ୍ଦୋଳନ ଓ ଓଡ଼ିଶା ପ୍ରଦେଶ ଗଠନର ସେ ଥିଲେ ବିନ୍ଧାଣୀ। ଆମରିସତ୍ୟ ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାପାତ୍ର, ଜିଲା ସାକ୍ଷରତା ସମିତିର ପୂର୍ବତନ ସଂଯୋଜକ ଭୀମସେନ ପ୍ରଧାନ, ସାହିତ୍ୟ ସଂସଦର ପୂର୍ବତନ ସଭାପତି ବୈକୁଣ୍ଠନାଥ ରାଜଗୁରୁ, ସ୍ତମ୍ଭକାର ଭାସ୍କର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିକ୍ଷକ ନେତା ରବି ଶତପଥୀ, ବିଷୁବ ମିଳନ ସମିତି ସମ୍ପାଦକ ଜ୍ଞାନ ରଞ୍ଜନ ଦାଶ, ଖୋର୍ଦ୍ଧା ଆଇନ୍ କଲେଜ ସମ୍ପାଦକ ସୁଧୀର କୁମାର ମାନସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ସଦସ୍ୟ ବିଜୟ ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ। ସେହିପରି ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ସୁଧୀର କୁମାର ମାନସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ଆଇନ୍ କଲେଜର ଗଭର୍ଣ୍ଣିଂ ବଡ଼ି ସଦସ୍ୟ ତଥା ଖୋର୍ଦ୍ଧା ଜିଲା ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସେହିଭଳି ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଶାଖା ପକ୍ଷରୁ ଖୋର୍ଦ୍ଧା ବିଚାରାଳୟ ସମ୍ମୁଖରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ ବିମଳ ଚନ୍ଦ୍ର ଷଡଙ୍ଗୀ, ଖୋର୍ଦ୍ଧା ଶାଖା ସଭାପତି ଶକ୍ତି ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖୋର୍ଦ୍ଧା ବାର ଅସୋସିଏଶନ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଅତିଥିମାନେ ମଧୁବାବୁଙ୍କୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା। ସଭାରେ ବାର୍ ଆସୋସିଏଶନ ସଭାପତି ପ୍ରାଣକୃଷ୍ଣ ଦଳବେହେରା ଓ ସମ୍ପାଦକ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ।




ଖୋର୍ଦ୍ଧାଠାରେ ଆମରି ସତ୍ୟ ପକ୍ଷରୁ ଅନୁଷ୍ଠିତ ମଧୁବାବୁଙ୍କ ଜୟନ୍ତୀରେ ଅତିଥିମାନେ।

**ଟାଙ୍ଗୀ(ଖୋର୍ଦ୍ଧା), (ଡି.ଏନ.ଏ.):** ମଧୁସୂଦନ ଦାସଙ୍କ ଜୟନ୍ତୀ ଟାଙ୍ଗୀ ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଓକିଲ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନ୍ୟାୟାଧୀଶ ରଶ୍ମିତା ସାହୁଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ଆଇନଜୀବୀ ସ୍ୱର୍ଗତ ମଧୁସୂଦନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଥିଲେ। ସଭାପତି ନକୁଳ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘ ସମ୍ପାଦକ ସ୍ୱସ୍ତିକ ରଥ, ଏପିପି ସୁଶ୍ରୀ ଇନ୍ଦ୍ରା ସିଂହ, ସରକାରୀ ଓକିଲ ନିରଞ୍ଜନ ଦାସ, ପ୍ରତାପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଓ ଆମ ଓଡିଶା ଆନୁକୂଲ୍ୟରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ଏଥିରେ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ସରୋଜ କୁମାର ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ।

**ନିରାକାରପୁର, (ଡି.ଏନ.ଏ.) :** ନିରାକାରପୁର ପଞ୍ଚାୟତସ୍ଥ ସଖା ସଂଘ ପାଠାଗାର ପରିସରରେ ମଧୁସୂଦନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହିମାଂଶୁ ଭୂଷଣ ଚମ୍ପତିରାୟ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ଉମେଶ ପଟ୍ଟନାୟକ, ଲଛମନ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ନୀଳାଚଳ ଏକ୍ସପ୍ରେସ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

**ଜଟଣୀ, ୨୮।୪ (ଡ଼ି.ଏନ.ଏ.) :** ସର୍ବଭାରତୀୟ ନୀଳାଚଳ ଏକ୍ସପ୍ରେସ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଜଟଣୀସ୍ଥିତ ରେଲୱେ ଷ୍ଟାଡ଼ିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଚକ୍ରଧରପୁର ସ୍ପୋର୍ଟ୍ସ କ୍ଲବକୁ ୭-୦ଗୋଲରେ ପରାସ୍ତ କରି କଟକର ସ୍ପୋର୍ଟ୍ସ ହଷ୍ଟେଲ୍ ବିଜୟୀ ହୋଇଛି। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ୍‌ରେ ପ୍ରଶାନ୍ତ ଶ୍ରୀହରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଜ୍ୟୋତିରଞ୍ଜନ ସ୍ୱାଇଁ ରେଫରି ରହିଥିବାବେଳେ ପ୍ରଦୀପ୍ତ ନାୟକ, ଭୀମ ଛେତ୍ରୀ ଆସିଷ୍ଟାଣ୍ଟ ରେଫ୍‌ରି ଭାବେ ସହାୟତା କରିଥିଲେ। ଖୋର୍ଦ୍ଧାରୋଡ଼ ଡ଼ିଭିଜନ ସ୍ପୋର୍ଟ୍ସ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଇଷ୍ଟକୋଷ୍ଟ ରେଲୱେର ଏଜିଏମ୍ ସୁଧୀର କୁମାର, ଖୋର୍ଦ୍ଧାରୋଡ଼ ରେଳ ଡ଼ିଭିଜନର ଡ଼ିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ପୋର୍ଟ୍ସ ଅଫିସର ଭୂପେସ କୁମାର, ଆସିଷ୍ଟାଣ୍ଟ ସ୍ପୋର୍ଟ୍ସ ଅଫିସର ପି. ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ଖେଳ ପରିଚାଳିତ ହୋଇଥିଲା।

